ସାପ୍ତାହିକ ସ୍ବୀକାର

Postal Regd. No.: SBP/14/2019-2021

The Sweekar स्वीकार

ପ୍ରତିଷ୍ଠାତା ସମ୍ପାଦକ : ସ୍ବ ଶରତ ନାରାୟଣ ବେହେରା

RNI No. 66443/94

Vol.25 | Issue - 19 | 6-12 June 2021 | Sambalpur | Page-12 | Invitation Price Rs.10

# ‘ଶଲା ବୁଢ଼ା’ର କିମ୍ବଦନ୍ତୀ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ପରଲୋକ

ସମ୍ବଲପୁର: ଲୋକପ୍ରିୟ ନାଟ୍ୟକାର ଅଭିନେତା ଓ ନିର୍ଦ୍ଦେଶକ ଅଟଳ ବିହାରୀ ପଣ୍ଡା ଚିକିତ୍ସାଧୀନ ଅବସ୍ଥାରେ ଭିମ୍ସାରରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହେଉଥିଲା । ସେ ତାଙ୍କର ତିନି ପୁଅ ଅଶ୍ୱିନୀ, ଅରୁଣ, ଆର୍ତ୍ତତ୍ରାଣ, ଝିଅ ବିଷ୍ଣୁପ୍ରିୟା, ହରିପ୍ରିୟା ଓ ରୁକ୍ମିଣୀଙ୍କ ସମେତ ନାତିନାତୁଣୀଙ୍କୁ ଛାଡି ଚାଲିଯାଇଛନ୍ତି । ଗତ ୧୬ ତାରିଖ ଦିନ ତାଙ୍କ ଧର୍ମପତ୍ନୀ ଲଳିତାଙ୍କ ଦେହାନ୍ତ ହେବାପରେ ସେ ଭାଙ୍ଗି ପଡିଥିଲେ । ତା’ ପରେ ପରେ ସେ ଅସୁସ୍ଥ ହୋଇପଡି ବୁର୍ଲା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ତେବେ ସେ ସୁସ୍ଥ ହୋଇ ଘରକୁ ଫେରି ଦିନକ ପରେ ପୁଣି ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ୪ ଦିନ ଧରି ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସେ ମୃତ୍ୟୁ ବରଣ କରିଥିଲେ । କର୍ମଭୂମି ବୁର୍ଲା ଠାରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇ ଯାଇଛି ।

୧ ଡିସେମ୍ବର ୧୯୩୧ ମସିହାରେ ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଠାରେ ଜନ୍ମିତ ଶ୍ରୀ ପଣ୍ଡା ବୁର୍ଲା ଠାରେ ଜଳସେଚନ ବିଭାଗରେ କାର୍ଯ୍ୟ କରିଥିଲେ । ସେ ଏକାଧାରରେ ଜଣେ ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟ ପ୍ରଯୋଜକ, ଗୀତିକାର, ପ୍ରାବନ୍ଧିକ, ଔପନ୍ୟାସିକ ଓ



ଆତ୍ମଜୀବନୀ ରଚୟିତା ଭାବେ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କ ରଚିତ ‘ଫଟା କପାଳ’ ପ୍ରଥମ ପ୍ରକାଶିତ ସମ୍ବଲପୁରୀ ନାଟକ ରୂପେ ଅଜସ୍ର ପ୍ରଶଂସା ଅର୍ଜନ କରିଥିଲା । ମଞ୍ଚ ନାଟକ, ଯାତ୍ରା ନାଟକ, ଶିଶୁ ନାଟକ, ବେତାର ନାଟକ ଏବଂ ଆକାଶବାଣୀର ଗୀତିକାର ଭାବେ ତାଙ୍କ ବହୁତ ଲାଳିତ୍ୟପୂର୍ଣ୍ଣ ରଚନା ଦର୍ଶକ ଓ ଶ୍ରୋତାଙ୍କୁ ବେଶ୍ ମୁଗ୍ଧ କରି ପାରିଥିଲା । ୮୨ ବର୍ଷରେ ସେ ‘ଶଲା ବୁଢ଼ା’ ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବା ସାଙ୍ଗକୁ ‘ଆଦିମ୍ ବିଚାର’ ଏବଂ ୯୦ ବର୍ଷ ବୟସରେ ‘ଶଲା ବୁଢ଼ାର ବଦଲା’ ସମେତ ୧୦୦ରୁ ଅଧିକ ନାଟକରେ ଅଭିନୟ କରିଥିଲେ । ‘ଶଲାବୁଢ଼ା’ ଓ ‘ଆଦିମ୍ ବିଚାର’ ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ପାଇଁ ୨୦୧୩ ଏବଂ ୨୦୧୪ ମସିହାରେ ‘ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର’ ପୁରସ୍କାର ପାଇଥିଲେ । ‘ଶଲାବୁଢ଼ା’ରେ ଅଭିନୟ କରିବା ପୂର୍ବରୁ ଦୂରଦର୍ଶନରେ ପ୍ରସାରିତ ‘ଡଙ୍ଗର ତଳେ ଡମ୍ବରୁ ବାବା’ ଟେଲିଫିଲ୍ମରେ ଅଭିନୟ କରିଥିଲେ । ଶ୍ରୀ ପଣ୍ଡା ସମ୍ବଲପୁରୀ ଭାଷାରେ ଗୀତ ଆର୍ କବିତା ‘ଗୁଲେକ୍ ଧନ୍ଦା’, ‘ଡୁମେର ରଜା’, ‘ସଦଗତି’, ‘କରଲା ପତର’, ‘ମିରଚା ଧୁଙ୍ଗିଆ’, ‘ଭାଷା ଆଉର ସାହିତ୍ୟ’, ‘ଦେବୀ’ ଇତ୍ୟାଦି ଏବଂ ଓଡ଼ିଆ ଭାଷାରେ ରଚିତ ‘ମଣି ସଂଘାର’, ‘ବାଘ ମାତିଛି’, ‘ଆଖି ଲୁହ ବି କଥା କୁହେ’, ‘ନିଷିଦ୍ଧ ଅଞ୍ଚଳ’ ଆଦି ପୁସ୍ତକ ଲେଖିଛନ୍ତି । ଏହାଛଡ଼ା ତାଙ୍କ ଆତ୍ମଜୀବନୀ ‘ବାନ୍ଧୁଉବାଟ’ ମଧ ବେଶ୍ ଜନପ୍ରିୟ ହୋଇ ପାରିଛି । ଭାରତୀୟ ପାନୋରମା, ଜାତୀୟ ସ୍ତରରେ ଶ୍ରେଷ୍ଠ ନାୟକର ସମ୍ମାନ ଆଦି ପୁରସ୍କାର ପାଇବାର ସେ ସୌଭାଗ୍ୟ ଅର୍ଜନ କରିଥିଲେ । ୨୦୧୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ସେ ସମ୍ମାନିତ ହେବା ସାଙ୍ଗକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୧୯ ମସିହାରେ ‘ଡି ଲିଟ୍’ ଉପାଧି ପାଇଥିଲେ ।

ଶ୍ରୀ ପଣ୍ଡାଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ଏମ୍.ପି ସୁଶ୍ରୀ ପ୍ରମିଳା ବହିଦାର, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଶଳାବୁଢ଼ାର ନିର୍ଦ୍ଦେଶକ ଶ୍ରୀ ସବ୍ୟସାଚୀ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ କଳାକାର ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଦୁଇ କି.ମି ଚାଲି ଓ ପାହାଡ଼ ଚଢ଼ି ଦୁର୍ଗମ ଅଞ୍ଚଳର ରାସ୍ତା ଦେଖିଲେ ସମ୍ବଲପୁର ଜିଲ୍ଲାପାଳ

ସମ୍ବଲପୁର: ଜିଲ୍ଲାପାଳ ଶୁଭମ ସାକ୍ସେନା ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ଦୁର୍ଗମ ଅଞ୍ଚଳରେ ପାହାଡ଼ ଚଢ଼ି ରାସ୍ତା ଅବସ୍ଥା ବୁଲି ଦେଖିବା ସହ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି କରୋନା ପରିସ୍ଥିତିର ମୁକାବିଲା ନେଇ ସମୀକ୍ଷା କରିଛନ୍ତି । ପ୍ରଥମେ ମାଓବାଦୀ ପ୍ରଭାବିତ ବଳମ ପଞ୍ଚାୟତର ଦୁର୍ଗମ ଗ୍ରାମକୁ ଗସ୍ତ କରିଥିଲେ । ଏହି ପଞ୍ଚାୟତର ବେତଝରଣ ଗ୍ରାମରୁ ଚାଷଭରଡି ପର୍ଯ୍ୟନ୍ତ ଜଙ୍ଗଲ ରାସ୍ତାକୁ ସବୁଦିନିଆ ରାସ୍ତା କରାଯିବାକୁ ଅଞ୍ଚଳବାସୀ ପୂର୍ବରୁ ଜିଲ୍ଲାପାଳଙ୍କ ଠାରେ ଦାବି କରି ଆସୁଥିଲେ । ଏହି ରାସ୍ତା ହେଲେ ଅଞ୍ଚଳବାସୀଙ୍କ ଗମନାଗମନ କ୍ଷେତ୍ରରେ ଉନ୍ନତି ହେବା ସହ ବିଭିନ୍ନ କ୍ଷେତ୍ରରେ ବିଶେଷ ଉପକୃତ ହେବେ ବୋଲି ଦାବି କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ରେଢ଼ାଖୋଲ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଡିଏଫଓ ପ୍ରଦୀପ୍ତ କୁମାର ସାହୁ, ବିଡିଓ ବିବେକାନନ୍ଦ ସାହୁ, ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ବନ୍ଧ, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ବେହେରା, ଜେଇ ଅଜିତ ବେହେରାଙ୍କ ସହ ବେତଝରଣ ଗ୍ରାମ ଠାରୁ ଚାଷଭରଡି ଗ୍ରାମ ପର୍ଯ୍ୟନ୍ତ ୨ କିମି ଚାଲି ଚାଲି ପାହାଡ଼ ଚଢ଼ି ରାସ୍ତାର ଅବସ୍ଥା ଅନୁଧାନ କରିଥିଲେ । ଏହି ରାସ୍ତା ନିର୍ମାଣ ପାଇଁ ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଆଉଟଡୋର, ଇନଡୋର, ଓପିଡି ଆଦି ବୁଲି ଦେଖିଥିଲେ । ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଭେଟି ସେମାନଙ୍କ






ଜିଲ୍ଲାପାଳ ଅଞ୍ଚଳବାସୀଙ୍କୁ ଆଶ୍ୱାସନା ଦେଇଥିଲେ । ପରେ ଜିଲ୍ଲାପାଳ ସରାପାଲି ସରକାରୀ ନୋଡାଲ ହାଇସ୍କୁଲକୁ ପରିଦର୍ଶନରେ ଯାଇ ହେବାକୁ ଥିବା ମଡେଲ ସ୍କୁଲର ଭିତ୍ତିଭୂମି ଅନୁଧାନ କରିଥିଲେ । ଏଥି ସହିତ ନାକଟିଦେଉଳ ଡାକ୍ତରଖାନାରେ ରହିଥିବା ବିଦ୍ୟୁତ ସମସ୍ୟା ଏବଂ ରୋଗୀ ପ୍ରତୀକ୍ଷା ସ୍ଥାନ ସଂପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବା ପରେ ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଦ୍ୱାରା ପ୍ରସ୍ତୁତ ବାଉଁଶ ଏବଂ ପଥରରେ ନିର୍ମିତ ହସ୍ତଶିଳ୍ପ ଦେଖିଥିଲେ । ଏହି ଅବସରରେ ରେଢ଼ାଖୋଲ ଉପଜିଲ୍ଲାପାଳ, ବିଡିଓ ବିବେକାନନ୍ଦ ସାହୁ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ଅମୂଲ୍ୟରତ୍ନ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଇନ୍ଦ୍ରମଣି ତ୍ରିପାଠୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର: ବରିଷ୍ଠ ଓଏଏସ୍ ଅଫିସର ଇନ୍ଦ୍ରମଣି ତ୍ରିପାଠୀ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ ଭାବେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ଶ୍ରୀ ତ୍ରିପାଠୀ ସାଧାରଣ ପ୍ରଶାସନ ବିଭାଗରେ ଅତିରିକ୍ତ ସଚିବ



ଦାୟିତ୍ୱରେ ଥିଲେ । ନିଜ ପ୍ରଶାସନିକ କାର୍ଯ୍ୟକାଳ ଭିତରେ ସେ ବରଗଡ଼ ଜିଲ୍ଲାପାଳ ଦାୟିତ୍ୱ ସହ ବାଣିଜ୍ୟ ଓ ପରିବହନ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଗୁରୁତ୍ୱପୂର୍ଣ୍ଣ ପଦବିରେ ନିଷ୍ଠାପର ଭାବେ କାର୍ଯ୍ୟ ତୁଲାଇଛନ୍ତି ।

# କରୋନା ପରିଚାଳନା ପାଇଁ ନବୀନଙ୍କୁ ପ୍ରଶଂସା

ଭୁବନେଶ୍ୱର: ସାରା ଦେଶରେ କରୋନା ସୃଷ୍ଟି କରିଛି ଏକ ଭୟଙ୍କର ସ୍ଥିତି । କରୋନା ପରିଚାଳନା, ଟିକାକରଣକୁ ନେଇ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଚାଲିଛି ଆରୋପ ପ୍ରତ୍ୟାରୋପ । ଜାତୀୟସ୍ତର ଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଶାସକ ବିରୋଧ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରୋନା ପରିଚାଳନାକୁ ଜାତୀୟ ଆନ୍ତର୍ଜାତିକ ସ୍ତରରେ ମିଳିଛି ପ୍ରଶଂସା । କେବଳ ଆନ୍ତର୍ଜାତିକ ଇଂରାଜୀ ପତ୍ରିକା ସମ୍ପାଦକୀୟରେ ନୁହେଁ, କଂଗ୍ରେସର ଶୀର୍ଷସ୍ତରୀୟ ନେତା ପି. ଚିଦାମ୍ବରମଙ୍କ ପରେ ବିଜେପିର ଜାତୀୟସ୍ତରର ନେତାମାନେ ନବୀନଙ୍କୁ ଭୂରିଭୁରି ପ୍ରଶଂସା କରିଛନ୍ତି । ଦୁଇଦିନ ବ୍ୟବଧାନରେ ଦୁଇଜଣ କେନ୍ଦ୍ରମନ୍ତ୍ରୀ ସଂଘୀୟ ବ୍ୟବସ୍ଥା ଅନୁପାଳନ କରିବାରେ ନବୀନଙ୍କ ସମକକ୍ଷ ନେତା ଦେଶରେ ନାହାନ୍ତି ବୋଲି ଉଲ୍ଲେଖ କରି ତାଙ୍କର ପ୍ରଶଂସା କରିଛନ୍ତି । ମହାମାରୀ ମୁକାବିଲା ନିମନ୍ତେ ସାରା ଦେଶ ଏକାଠି ଲଢ଼ିବାର ଆହ୍ୱାନ ଦେଇ ନବୀନ ଦେଶରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିଛନ୍ତି । କେନ୍ଦ୍ର ନେତୃତ୍ୱରେ ସହଭାଗଭିତ୍ତିକ ସଂଘୀୟ ବ୍ୟବସ୍ଥାର ଅନୁପାଳନ କ୍ଷେତ୍ରରେ



ନବୀନଙ୍କ ଭୂମିକା ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିଛି । ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ରକୁ ପ୍ରସଙ୍ଗଭିତ୍ତିକ ସମର୍ଥନ ସହ ରାଜ୍ୟ ସ୍ୱାର୍ଥ ଲାଗି ସାଲିସବିହୀନ ମନୋଭାବ ସଂଘୀୟ ବ୍ୟବସ୍ଥାରେ ନବୀନ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି । କେବଳ ବିରୋଧ ଲାଗି ବିରୋଧ ନ କରି ସକାରାତ୍ମକ ଓ ଗଠନମୂଳକ ସମାଲୋଚନା ରାଜ୍ୟ ଓ ଦେଶ ପାଇଁ ହିତକର ବୋଲି ଦୁଇ କେନ୍ଦ୍ରମନ୍ତ୍ରୀ ପରୋକ୍ଷରେ ରାଜ୍ୟ ନେତୃତ୍ୱ ପ୍ରତି ବାର୍ତ୍ତା ଦେଇଛନ୍ତି । ଅନ୍ୟପକ୍ଷରେ ଜାତୀୟସ୍ତରରେ ପ୍ରଖ୍ୟାତ ସାମ୍ବାଦିକ ପ୍ରଭୁ ଚାୱାଲା ଅନଲାଇନରେ ବିଭିନ୍ନ ରାଜ୍ୟର କୋଭିଡ ପରିଚାଳନା କ୍ଷେତ୍ରରେ କରିଥିବା ଏକ ସର୍ବେକ୍ଷଣରେ ଓଡ଼ିଶା ଶୀର୍ଷରେ ରହିବା ନବୀନଙ୍କ ଭାବମୂର୍ତ୍ତିକୁ ଆହୁରି ଉଜ୍ୱଳ କରିଛି । (ଅବଶିଷ୍ଟାଂଶ ୧୧ ପୃଷ୍ଠାରେ)

## ଏ ସଂଖ୍ୟାରେ..


ଧନିଆ ପତ୍ରର ଉପଯୋଗିତା


ସ୍ୱାସ୍ଥ୍ୟ ପାଇଁ ଆଖୁ


ଉପକାରୀ ଅଙ୍ଗୁର


କ’ଣ ଖାଇବେ କରୋନା ରୋଗୀ


ଅମୃତଭଣ୍ଡାର ଉପକାରିତା

# ଓଡ଼ିଶାର ବିପତ୍ତି ସମୟରେ ସବୁବେଳେ ତତ୍ପର ଓ ସକ୍ରିୟ ଭାବେ ଆଗେଇ ଆସିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ

ଭୁବନେଶ୍ୱର: ବାତ୍ୟା ଓ ବନ୍ୟା ପ୍ରବଣ ଓଡ଼ିଶା ପ୍ରତି ସବୁବେଳେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିପତ୍ତି ସମୟରେ ଆସି ରାଜ୍ୟର ବିପନ୍ନଙ୍କ ସହିତ ଛିଡ଼ା ହେବା ଠାରୁ ଆରମ୍ଭ କରି ବିପର୍ଯ୍ୟୟ ଜନିତ କ୍ଷତି ଭରଣା ଲାଗି କେନ୍ଦ୍ରୀୟ ସହାୟତାର ଭଣ୍ଡାର ଖୋଲିବାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କେବେ ବି କୁଣ୍ଠାବୋଧ କରିନାହାନ୍ତି ।

ପ୍ରଧାନମନ୍ତ୍ରୀ ହେବାର ୭ ବର୍ଷ ମଧରେ, ବିପତ୍ତି ସମୟରେ ସେ ଓଡ଼ିଶାକୁ ମୋଟ୍ ତିନି ଥର ଗସ୍ତ କରିଛନ୍ତି । ଶେଷଥର ପାଇଁ ସେ ଗତ ମେ ୨୮ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିଲେ । ଗତବର୍ଷ ମେ ମାସରେ ସାରା ଭାରତ କୋଭିଡର ପ୍ରଥମ ଲହରୀ ସହିତ ସଂଘର୍ଷ କରୁଥିଲା । ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିଲା ଏବଂ ଟିକା ସେତେବେଳେ ବିକଶିତ ସୁଦ୍ଧା ହୋଇନଥିଲା । ଏପରି ଏକ ସମୟରେ ଅମ୍ଫନ ବାତ୍ୟା ଆସିଥିଲା । ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିଲା । ୨୨ ମେ ୨୦୨୦ ରେ ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶା ଗସ୍ତରେ ଆସିଥିଲେ ଏବଂ ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଅଞ୍ଚଳକୁ ନିରୀକ୍ଷଣ କରିଥିଲେ । ଏଥି ସହିତ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଏକ ବୈଠକରେ ପରିସ୍ଥିତିର ସମୀକ୍ଷା କରିଥିଲେ ।

ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ମୋଦୀ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଏ ସମ୍ପର୍କରେ ଅଧିକ ଜାଣିବାକୁ ପାଇଥିଲେ । ଅନୁରୂପ ଭାବେ ଯେତେବେଳେ ମେ ୨୦୧୯ ରେ ଓଡ଼ିଶାରେ ଫନି ବାତ୍ୟା ଯେପରି ଭାବେ ଜଗତର ନାଥ ଜଗନ୍ନାଥଙ୍କ ନିବାସସ୍ଥଳୀ ପୁରୀରେ ଭୟଙ୍କର ବିପର୍ଯ୍ୟୟ ଘଟାଇଥିଲା ତାହା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିଶେଷ ଭାବେ ବିବ୍ରତ କରିଥିଲା । ମେ ୬ ତାରିଖରେ ସେ ନିଜର ନିର୍ବାଚନୀ ଶୋଭାଯାତ୍ରା ବାତିଲ କରି ଓଡ଼ିଶା ଗସ୍ତରେ ଆସିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ ଏବଂ ଲୋକମାନଙ୍କୁ ସହାୟତା କରିବା ଲାଗି ଦୁଇ ନେତା ମିଳିବ ଭାବେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ ।

ନିକଟରେ 'ୟାସ' ବାତ୍ୟା ଓଡ଼ିଶା ଉପକୂଳରେ ମାଡ ହେବା ପରେ ପରେ ତୁରନ୍ତ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶା ଗସ୍ତରେ ଆସିଥିଲେ । ସେ ଭୁବନେଶ୍ୱର ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ଆକାଶମାର୍ଗରୁ ନିରୀକ୍ଷଣ କରିଥିଲେ । ଏଥି ସହିତ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ତୁରନ୍ତ ୫୦୦ କୋଟି ଟଙ୍କାର ସହାୟତା ଯୋଗାଇ ଦେଇଥିଲେ । ଏଥି ସହିତ ବାତ୍ୟାରେ ମୃତକଙ୍କ ନିକଟ ସମ୍ପର୍କୀୟମାନଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଓ ଗୁରୁତର ଆହତମାନଙ୍କୁ ୫୦,୦୦୦ ଟଙ୍କାର ସହାୟତା ଯୋଗାଇ ଦେବାକୁ ଘୋଷଣା କରିଥିଲେ । ଏହାଛଡ଼ା ଏକ ମନ୍ତ୍ରୀସ୍ତରୀୟ ସମିତି ପଠାଇ କ୍ଷୟକ୍ଷତିର ବିସ୍ତୃତ ଆକଳନ ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ରୋଟାରୀ କ୍ଲବକୁ ମିଳିଲା ୧୨ ଅମ୍ଳଜାନ କନସେନଟ୍ରେଟର

ସମ୍ବଲପୁର : ରୋଟାରୀ କ୍ଲବ ସମ୍ବଲପୁର ତରଫରୁ କରୋନା ସଂକ୍ରମିତ ରୋଟାରୀଙ୍କୁ ଅମ୍ଳଜାନ ସିଲିଣ୍ଡର ଯୋଗାଇ ଦିଆଯାଉଥିବା ବେଳେ ପ୍ରବାସୀ ଓଡ଼ିଆଙ୍କ ସଙ୍ଗଠନ ଓଡ଼ିଶା ସୋସାଇଟୀ ଅଫ୍ ଆମେରିକା' ତରଫରୁ ଅନୁଷ୍ଠାନକୁ ୧୨ଟି ଅମ୍ଳଜାନ କନସେନଟ୍ରେଟର ଯୋଗାଇ ଦିଆଯାଇଛି । ଏହି ସବୁ କନସେଣ୍ଟ୍ରେଟର କ୍ଲବରେ ରଖାଯିବ ଏବଂ ଅକ୍ସିଜେନ ଆବଶ୍ୟକ କରୁଥିବା କୋଭିଡ୍ ରୋଗୀଙ୍କୁ ଯୋଗାଇ ଦିଆଯିବ । କ୍ଲବକୁ ଅମ୍ଳଜାନ କନସେନଟ୍ରେଟର ପ୍ରଦାନ ସମୟରେ ସଭାପତି ରଶ୍ମୀ ରଞ୍ଜନ ମହାପାତ୍ର, ଉଦିତ ପ୍ରସାଦ ବାବୁ, ଦାମୋଦର କର, ସନ୍ତୋଷ ହୋତା, ଡାକ୍ତର ଦୁର୍ଗା ଶଙ୍କର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କ୍ଲବ ପକ୍ଷରୁ ସାହାଁସପୁର ହାଇସ୍କୁଲ ଠାରେ ବାଳିକାମାନଙ୍କ ପାଇଁ ଦୁଇଟି ପାଇଖାନା ସ୍ଥାପନ କରାଯାଇଥିବା ବେଳେ ୩ଟି ୱାସ୍ ବେସିନ୍ ବସାଯାଇଛି ।

## ମାତାଙ୍କ ସ୍ମୃତିରେ ରଘୁନାଥ ପୂଜାରୀଙ୍କ ଦାନ

ସମ୍ବଲପୁର: ଗତବର୍ଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଶ୍ରାଦ୍ଧ ବାର୍ଷିକୀରେ ମୁଖ୍ୟମନ୍ତ୍ରୀଙ୍କ କୋଭିଡ ପାଣ୍ଠିକୁ ଟ. ୨୩,୦୦୦ ଦାନ କରିଥିବା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପୂଜାରୀ ତାଙ୍କର ପୋଷ୍ୟମାତା କିଆଫୁଲ ବାବୁ (ପୂଜାରୀ)ଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କ ଶ୍ରାଦ୍ଧବାର୍ଷିକୀରେ ୨୩.୫.୨୦ ଦିନ ଗୋଟିଏ ଅକ୍ସିଜେନ ସିଲିଣ୍ଡର ପାଇଁ ସମ୍ବଲ ଅନୁଷ୍ଠାନକୁ ଟ. ୧୫,୦୦୦ ଦାନ କରିଛନ୍ତି ।

## 'ସମ୍ବଲ'ର ନୂଆ କର୍ମକର୍ତ୍ତା

ସମ୍ବଲପୁର: ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଲ'ର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ମାଧମରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ପ୍ରଫେସର ଶଙ୍କର ପ୍ରସାଦ ପତି ସଭାପତି ଓ ପଞ୍ଚାନନ ତ୍ରିପାଠୀ କାର୍ଯ୍ୟକାରୀ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି । ସୁବ୍ରତ କୁମାର ପଣ୍ଡା ଓ ସଞ୍ଜୀବ ନନ୍ଦ ଯଥାକ୍ରମେ ସଂପାଦକ ଓ କୋଷାଧ୍ୟକ୍ଷ ରୂପେ ପୁନଃ ନିର୍ବାଚିତ ହୋଇଛନ୍ତି । ଏହାଛଡ଼ା କୃଷ୍ଣଚନ୍ଦ୍ର ସାହୁ ଉପସଭାପତି, ଶମ୍ଭୁ ପଟେଲ ଓ ଅରୁଣ ଅଜାଡିଓ୍ୱାଲ ଯୁଗ୍ମ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ଉପଦେଷ୍ଟା ଭାବରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଡାକ୍ତର ଆର୍ତ୍ତତ୍ରାଣ ପାଣିଗ୍ରାହୀ, ଡାକ୍ତର ରବି ନାରାୟଣ ଗୁରୁ, ଉଦ୍ଧବ ମହାପାତ୍ର, ସୁଶାନ୍ତ କୁମାର ଗୁରୁ, ହେମନ୍ତ କୁମାର ମିଶ୍ର, ପ୍ରତାପ କର, ସଦାଶିବ ମହାପାତ୍ର, ରାଜେଶ ସରାଫ, ଶ୍ରୀବତ୍ସ ପଣ୍ଡା ଥିବା ବେଳେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଇଞ୍ଜିନିୟର ସନ୍ତୋଷ କୁମାର ଦାଶ ଓ ଡାକ୍ତର ପ୍ରକାଶ କୁମାର ପଣ୍ଡାଙ୍କୁ ନୂଆ କରି ଉପଦେଷ୍ଟା ମଣ୍ଡଳୀରେ ସାମିଲ କରାଯାଇଛି ।

## ସମ୍ବଲପୁରୀ ବସ୍ତ୍ରାଳୟର ନୂତନ ଏମ୍‌ଡି

ବରଗଡ଼: ବରଗଡ଼ ବୟନ ମଣ୍ଡଳର ନୂତନ ଆସିଷ୍ଟାଣ୍ଟ ଡାଇରେକ୍ଟର ଏବଂ ସମ୍ବଲପୁରୀ ବସ୍ତ୍ରାଳୟର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ଶିଶିର ନାଗ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଉଭୟ ସଂସ୍ଥାର ଦାୟିତ୍ୱରେ ରହିବେ । ଏହା ପୂର୍ବରୁ ବରଗଡ଼ରେ ଅବସ୍ଥାପିତ ଏଡିଟି ଉମେଶ ଚନ୍ଦ୍ର ଦାଶଙ୍କ ବୌଦ୍ଧ ଜିଲ୍ଲାକୁ ବଦଳି ହୋଇଛି । ସେ ମଧ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାର ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି ।

## ରାଜନୀତିରେ ବିରଳ ପରିଚୟ 'ନବୀନ'

ଭୁବନେଶ୍ୱର: ସାମ୍ପ୍ରତିକ ରାଜନୀତିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଅନ୍ୟ ନେତାମାନଙ୍କ ଠାରୁ କେବଳ ଭିନ୍ନ ନୁହନ୍ତି ଏକ ବିରଳ ବ୍ୟକ୍ତିତ୍ୱ । ରାଜନୀତିର ଅସୁସ୍ଥ ପ୍ରତିଯୋଗିତାରେ ସାମିଲ ହେବା ପରିବର୍ତ୍ତେ ଦୀର୍ଘ ରାଜନୈତିକ ଅଭିଜ୍ଞତା ଓ ଅନୁଭୂତିକୁ ପ୍ରୟୋଗ କରି ନିଜ ପାଇଁ ସୃଷ୍ଟି କରିଛନ୍ତି ନୂଆ ପରିଚୟ । ପାରସ୍ପରିକ ଆରୋପ ପ୍ରତ୍ୟାରୋପରୁ ଉପରକୁ ଉଠି ସେ ଦେଶକୁ ଦେଇଛନ୍ତି ଉଦାର ଓ କେନ୍ଦ୍ର ରାଜ୍ୟ ମଧରେ ଆଦର୍ଶ ସହଭାଗିତାର ବାର୍ତ୍ତା । ସାରା ଦେଶ କରୋନା ମହାମାରୀ ସହ ସଂଘର୍ଷ କରୁଥିବାବେଳେ କେନ୍ଦ୍ର ଉପରେ ଚାପ ସୃଷ୍ଟି ନ କରି ରାଜ୍ୟ ସମ୍ବଳରୁ ବାତ୍ୟା କ୍ଷତି ଭରଣା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନବୀନ ଦେଇଥିବା ପ୍ରସ୍ତାବ ପାରସ୍ପରିକ ସହଯୋଗର ବାର୍ତ୍ତା ବହନ କରେ ।

କେନ୍ଦ୍ରୀୟ ଅନୁଦାନ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧରେ ବିବାଦ ଏକ ନିୟମିତ ଘଟଣା । କେନ୍ଦ୍ରୀୟ ଅନୁଦାନ ନିମନ୍ତେ ରାଜ୍ୟଗୁଡିକ କେନ୍ଦ୍ରକୁ ଦୋଷାରୋପ କରିବା ସହ ଚାପ ସୃଷ୍ଟି ନିମନ୍ତେ ଭିନ୍ନଭିନ୍ନ ପଥ ଆପଣାଇଥାନ୍ତି । ଏହାକୁ ନେଇ ସୃଷ୍ଟି ହୋଇଥାଏ ଦ୍ୱନ୍ଦ୍ୱ, ଦ୍ୱେଷ ଓ ପାରସ୍ପରିକ ତିକ୍ତତା । ମାତ୍ର ୟସ୍ ସମୀକ୍ଷା ନିମନ୍ତେ ଓଡ଼ିଶା ଓ ପଶ୍ଚିମବଙ୍ଗ ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ଜାତୀୟସ୍ତରରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବହନ କରିଛି । ପୂର୍ବରୁ ରାଜନୈତିକ ଓ ପ୍ରଶାସନିକ ସ୍ତରରେ ନିଜର ଅଭିନବ ତଥା ବଳିଷ୍ଠ ପଦକ୍ଷେପ ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ଖବରରେ ଶିରୋନାମା ମଣ୍ଡନ କରିଥିବା ନବୀନ ଏଥର ମଧ ଏ ପ୍ରକାର ଏକ ଅନନ୍ୟ ନିଷ୍ପତ୍ତି ପାଇଁ ଜାତୀୟ ସ୍ତରରେ ଚର୍ଚ୍ଚାରେ ରହିଛନ୍ତି । ସଂଘୀୟ ବ୍ୟବସ୍ଥାରେ ସେ ପ୍ରଥମେ ନିଜ ଅଧିକାର ସାବ୍ୟସ୍ତ କରିବା ବଦଳରେ କେନ୍ଦ୍ର ସରକାରଙ୍କ ଉପରେ ଚାପ ହ୍ରାସ କରିବାକୁ ଯାଇ ସଂଘୀୟ ବ୍ୟବସ୍ଥାର ପ୍ରକୃତ ସ୍ୱରୂପ ଦେଶ ଆଗରେ ପରୋକ୍ଷରେ ଉପସ୍ଥାପନ କରିଛନ୍ତି ।

ୟସ୍' ଯୋଗୁଁ ଓଡ଼ିଶାର ୧୨ ଜିଲ୍ଲା ପ୍ରଭାବିତ ହୋଇଛି । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବିପୁଳ କ୍ଷୟକ୍ଷତି ଘଟିଛି । ଏହା ସତ୍ତ୍ୱେ କୋଭିଡ୍ ଚାପରେ ଥିବା କେନ୍ଦ୍ର ଉପରେ ଆର୍ଥିକ ବୋଝ ଲଦି ଦେବାକୁ ଚାହିଁ ନାହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କରୋନା ମହାମାରୀ ଏକ ଜାତୀୟ ବିପତ୍ତି ସୃଷ୍ଟି କରିଛି ଓ ଓଡ଼ିଶା ମଧ ଏଥିରୁ ବାଦ୍ ପଡିନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଏହା ଦୋହଲାଇ ଦେଇଛି ।

ସାରା ଦେଶ ଏକାଠି ଲଢ଼ିବାକୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଅନ୍ୟ ରାଜ୍ୟଗୁଡିକୁ ଆହ୍ୱାନ ଦେଇଥିଲେ । ଦେଶ ଏପରି ଏକ କଠୋର ସମୟ ମଧରେ ଗତି କରୁଥିବା ବେଳେ ଚାପଗ୍ରସ୍ତ କେନ୍ଦ୍ର ସରକାରଙ୍କୁ ଅଧିକ ଆର୍ଥିକ ଭାରାକ୍ରାନ୍ତ କରିବାକୁ ନବୀନ ଚାହିଁ ନାହାନ୍ତି । ରାଜ୍ୟର କ୍ଷୟକ୍ଷତି ନିଜସ୍ୱ ସମ୍ବଳରୁ ଭରଣା କରିବାକୁ ନିଷ୍ପତ୍ତି ନେଇ ସେ ଜଣେ ଉଦାର ରାଷ୍ଟ୍ରନାୟକର ପରିଚୟ ଦେଇଛନ୍ତି । ବାତ୍ୟା ସ୍ଥିତି ସମୀକ୍ଷା ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା କୌଣସି ସହାୟତା ଦାବି କରିବା ପରିବର୍ତ୍ତେ ମହାମାରୀ ଯୋଗୁଁ ଚାପରେ ରହିଥିବା କେନ୍ଦ୍ର ସରକାରଙ୍କୁ ଓଡ଼ିଶା ସହଯୋଗର ହାତ ବଢ଼ାଇଛି । ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ କରୋନା ମହାମାରୀ ସମୟରେ ଆମେ କେନ୍ଦ୍ର ସରକାରଙ୍କ ଉପରେ ଆହୁରି ବୋଝ ଲଦି ଦେବାକୁ ଚାହୁଁନାହିଁ, ବରଂ ଆମେ ନିଜ ଉଦ୍ୟମରେ ଏହି ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ପ୍ରୟାସ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ଏବଂ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଛନ୍ତି ।

ରାଜନୀତିରେ ବିଦ୍ୱେଷ, ଆକ୍ରୋଶ ଓ ମତଭେଦର ଉର୍ଦ୍ଧ୍ୱକୁ ଆସି ପ୍ରସଙ୍ଗ ଭିତ୍ତିରେ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଦଳମତ ଓ ରାଜନୈତିକ ବିରୋଧାଭାଷ ସତ୍ତ୍ୱେ ଓଡ଼ିଶା ଓ ଦେଶର ବିକାଶ ନିମନ୍ତେ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ଏବେ ବାତ୍ୟା କ୍ଷୟକ୍ଷତି ପ୍ରସଙ୍ଗରେ ମଧ ମୁଖ୍ୟମନ୍ତ୍ରୀ ଅନୁରୂପ ଅଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି । ଏକ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଓ ପଶ୍ଚିମବଙ୍ଗ ଗସ୍ତରେ ଆସିଥିବା ସମୟରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ତୁଳନା କରାଯାଇ ଏବେ ଜାତୀୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି । ନବୀନଙ୍କ ଆଭିମୁଖ୍ୟକୁ ସାରା ଦେଶ ପ୍ରଶଂସା କରୁଥିବା ବେଳେ ମମତାଙ୍କ କାର୍ଯ୍ୟ ଏକ ଗଣତନ୍ତ୍ରରେ ଆଉ ଏକ ଅସୁସ୍ଥ ପରମ୍ପରାରେ ଆଉ ଏକ ଫର୍ଦ ଯୋଡିଥିବା କୁହାଯାଉଛି ।

ପ୍ରତ୍ୟେକଟି ଜୀବନ ମୂଲ୍ୟବାନ ମୂଲ୍ୟବୋଧରେ ବିଶ୍ୱାସ ରଖୁଥିବା ନବୀନ କେବଳ ଓଡ଼ିଶାର ଭୌଗୋଳିକ ସୀମା ମଧରେ ଏହା ଆବଦ୍ଧ ନୁହେଁ, ଅନ୍ୟ ରାଜ୍ୟ ପାଇଁ ମଧ ଏହା ପ୍ରଯୁଜ୍ୟ ବୋଲି ପ୍ରମାଣିତ କରିଛନ୍ତି । ସାରା ଦେଶ ଅମ୍ଳଜାନ ନିମନ୍ତେ ସଂଘର୍ଷ କରୁଥିବା ସମୟରେ ନିଜଆଡୁ ମୁଖ୍ୟମନ୍ତ୍ରୀ ଅନ୍ୟରାଜ୍ୟକୁ ଅମ୍ଳଜାନ ଯୋଗାଇବାକୁ ପ୍ରତିଶ୍ରୁତି ଦେଇ ଓଡ଼ିଶା ପ୍ରାୟ ୧୫ ରାଜ୍ୟକୁ ୨୫ ହଜାର ମେଟ୍ରିକ୍ ଟନ୍ ଅମ୍ଳଜାନ ପଠାଇବାରେ ସକ୍ଷମ ହୋଇଛି । ଏବେ ବି ଅମ୍ଳଜାନ ଯୋଗାଣ ପ୍ରକ୍ରିୟା ଜାରି ରହିଛି ଏବଂ ବାତ୍ୟା ବିପର୍ଯ୍ୟୟ ସମୟରେ ମଧ ଅମ୍ଳଜାନ ପଠାଇବା ଅବ୍ୟାହତ ରହିଛି । ଅନ୍ୟ ରାଜ୍ୟର ଲୋକମାନଙ୍କର ଜୀବନ ବଞ୍ଚାଇବାରେ ନବୀନଙ୍କର ଏହି ଅଯାଚିତ ସହଯୋଗକୁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଭୂୟସୀ ପ୍ରଶଂସା କରିଛନ୍ତି ।

# ଭାଗବତ

## ଅକ୍ରୁରଙ୍କ ଆଗମନ

କଂସ କହିଲା, 'ଅକ୍ରୁର ! ତୁମେ ଆସନ୍ତାକାଲି ପ୍ରଭାତରେ କୃଷ୍ଣ ଆଉ ବଳରାମଙ୍କୁ ଆଣିବାକୁ ଯାଅ । ଏ କଥା କିନ୍ତୁ ଗୁପ୍ତ ରଖିବ । ଗୋକୁଳରେ କେହି ଯେପରି ଆମ ଅଭିପ୍ରାୟ ନ ଜାଣନ୍ତି ।

ଅକ୍ରୁର ସମ୍ମତି ଜଣାଇ କହିଲେ, 'ତୁମେ ଯଦି ଆଜ୍ଞା ଦେଉଛ, ତେବେ ମୁଁ ଆସନ୍ତା କାଲି ପ୍ରଭାତରେ ନିଶ୍ଚୟ ଗୋକୁଳକୁ ଯିବି । ଅକ୍ରୁର ବି ଚାହୁଁଥିଲେ, ଦେଶରୁ ଅରାଜକତା ଯେତେ ଶୀଘ୍ର ଲୋପପାଇବ ସେତେ ଭଲ ।

କଂସର ମୃତ୍ୟୁ ପାଖେଇ ଆସୁଥିବାରୁ ସେ କୃଷ୍ଣଙ୍କ ପାଖକୁ ନିମନ୍ତ୍ରଣ ପଠାଇଲା । କୃଷ୍ଣଙ୍କୁ ଅତିଶୀଘ୍ର ଆଣିବା ପାଇଁ ବ୍ୟସ୍ତ ହୋଇଉଠିଲା ।

ଅକ୍ରୁର ଦରବାରର ଅନୁମତି ନେଇ ଘରକୁ ଫେରିଲେ । ରାତିସାରା ତାଙ୍କୁ ନିଦ ହେଲାନାହିଁ । କୃଷ୍ଣଙ୍କ ଦର୍ଶନ ନିମନ୍ତେ ତାଙ୍କ ମନ ବ୍ୟାକୁଳ ହୋଇଉଠିଲା । ପ୍ରଭାତ ହେବାପୂର୍ବରୁ ସେ ତାଙ୍କର ସ୍ନାନ ସନ୍ଧ୍ୟାଦି କର୍ମ ସାରି ପକାଇଲେ । କଂସର ସୁସଜ୍ଜିତ ଶୋଭନୀୟ ସୁବର୍ଣ୍ଣ ରଥ ପହଞ୍ଚିବା କ୍ଷଣି ତହିଁରେ ସେ ସିଧା ସିଧା ଗୋକୁଳକୁ ଚାଲିଲେ । ବାଟଯାକ ସେ କେବଳ ଶ୍ରୀକୃଷ୍ଣଙ୍କ କଥା ହିଁ ଭାବିବାରେ ଲାଗିଥାନ୍ତି । ଶ୍ରୀକୃଷ୍ଣ ସ୍ୱୟଂ ଈଶ୍ୱର । ଆଜି ସେ ଭାଗ୍ୟବାନ ବୋଲି ଶ୍ରୀକୃଷ୍ଣ ଭଗବାନଙ୍କ ଦର୍ଶନ ଲାଭ କରିବେ ଇତ୍ୟାଦି ନାନା କଥା ଭାବିବାରେ ଲାଗିଥାନ୍ତି । ଭାବବିହ୍ୱଳ ଅଶ୍ରୁ ତାଙ୍କ ଚକ୍ଷୁରୁ ନିଗିଡି ପଡୁଥାଏ । ସେ ମନେ ମନେ କହି ହେଉଥାନ୍ତି, ମୁଁ ମହାପାପୀ । ଏହି ଅଧମ ଅପାତ୍ର, ପ୍ରଭୁ, ଆପଣଙ୍କ ଶରଣ ନିମନ୍ତେ ଏତେଦିନ ପରେ ସୁଯୋଗ ପାଇଛି । ପ୍ରଭୁ । ମୋତେ ଶରଣପ୍ରଦାନ କରି ମୋର ଜନ୍ମ ସଫଳ କରନ୍ତୁ ଇତ୍ୟାଦି ନାନା କଥା ।

ଆମେ ଅକ୍ରୁରଙ୍କ ଭଳି ସବୁବେଳେ ଭଗବାନଙ୍କୁ ଚିନ୍ତା କରୁଥିବା ଆବଶ୍ୟକ । ପ୍ରତ୍ୟେକ ସମୟରେ, ପ୍ରତ୍ୟେକ କ୍ଷେତ୍ରରେ ଆମେ ଶ୍ରୀକୃଷ୍ଣଙ୍କୁ ଧ୍ୟାନ କରୁଥିବା, ସ୍ମରଣ କରୁଥିବା ଉଚିତ । ଆଜିକାଲି କିନ୍ତୁ ଲୋକମାନେ ସବୁବେଳେ ଅନ୍ୟ ଲୋକର ବେଶ ପୋଷାକ, ଗାଡି ମୋଟର, ଦୋକାନ ଆଦି ଦେଖିବାକୁ ଯାଆନ୍ତି, ସେହି ସବୁ କଥା ଭାବୁଥାଆନ୍ତି । ଏପରି ଚିନ୍ତା ଓ ଭାବନାରେ କୌଣସି ଲାଭ ନ ଥାଏ । ବରଂ ମନ ଅଧିକରୁ ଅଧିକ ବିପଥଗାମୀ ହୁଏ । ମନ ଅତି ସହଜରେ ବିଗିଡିଯାଏ, ଆଉ ଏହାକୁ ସୁଧାରିବାକୁ ବହୁତ ସମୟ ଲାଗିଯାଏ । ଭଗବାନଙ୍କୁ ପ୍ରତ୍ୟେକ କ୍ଷଣରେ ସ୍ମରଣ କରୁଥିଲେ ମନ ସହଜରେ ବିଗିଡେ ନାହିଁ । ଯାତ୍ରା ସମୟରେ ସବୁବେଳେ ଭଗବାନଙ୍କ କଥା ସ୍ମରଣ ଓ ଭଜନ କରୁଥିବା ଉଚିତ । ଯଦି ଏପରି କରା ନ ଯାଏ ତେବେ ପାପ ହିଁ ହୋଇଥାଏ । ଯାତ୍ରା ସମୟରେ ପାପୀ ପାପ କରିବାରେ ଲାଗେ ଆଉ ପୁଣ୍ୟଶୀଳ ପୁଣ୍ୟ ହିଁ କରୁଥାଏ ।

ଯିଏ ଭଗବାନଙ୍କ କଥା ଶୁଣେ ଭଗବାନ କେବଳ ତାର କଥା ଶୁଣନ୍ତି ।

ମାର୍ଗରେ ଯାଉଥିବା ସମୟରେ ଅକ୍ରୁର କେବଳ ଭଗବାନଙ୍କ କଥା ସ୍ମରଣ କରୁଥାନ୍ତି ଓ ନିଜର ଭାଗ୍ୟୋଦୟ ହେଲା ବୋଲି ଅନୁଭବ କରି ସ୍ୱତଃ ପୁଲକିତ ହେଉଥାନ୍ତି । ସେ ମନେ ମନେ ନିଜକୁ ନିଜେ କହି ହେଉଥାନ୍ତି- 'ମୋ ଭଳି କାମୀକୁ କ'ଣ ଭଗବାନ ସତରେ ଦର୍ଶନ ଦେବେ ? କିନ୍ତୁ କୃଷ୍ଣଙ୍କର ମୋ ପ୍ରତି ମୂଳରୁ ଦୟା ଅଛି, ତେଣୁ ସୌଭାଗ୍ୟକ୍ରମେ କଂସ ମୋତେ ହିଁ ତାଙ୍କୁ ଆମନ୍ତ୍ରଣ କରି ଆଣିବାକୁ ପଠାଇଲା । ଭାବୁଛି ଗୋକୁଳରେ ପହଞ୍ଚୁ ପହଞ୍ଚୁ ସନ୍ଧ୍ୟା ହୋଇଯିବ, ଆଉ କୃଷ୍ଣଚନ୍ଦ୍ର ଗୁହାଳଘରେ ସମ୍ଭବତଃ ଥିବେ । ସେହିଠାରେ ତାଙ୍କର ଆଦ୍ୟ ଦର୍ଶନ ପାଇବି । ସେ ଅନ୍ୟ ଗୋପାଳଙ୍କ ସହିତ ଥିବେ । ପହଞ୍ଚିବା କ୍ଷଣି ପ୍ରଥମେ ବଳରାମଙ୍କର ବନ୍ଦନା କରିବି । ତା ପରେ କୃଷ୍ଣଙ୍କୁ କହିବି, ପ୍ରଭୁ ! ହଜାର ହଜାର ବର୍ଷର ବିଚ୍ଛେଦ ପରେ ଏ ଜୀବ ଆପଣଙ୍କର ଦର୍ଶନ ପାଇ କୃତାର୍ଥ ହୋଇଗଲା ।

ହେ ନାଥ ! ଏବେ ଶରଣ ଦେବା ହୁଅନ୍ତୁ । ଥରେ ମାତ୍ର ନିଜର କରନ୍ତୁ । ଥରେ ମାତ୍ର ପ୍ରଭୁ କହିଦିଅନ୍ତୁ ତୁ ମୋର ମୋ ଭଗବାନଙ୍କ ଦୃଷ୍ଟିରୁ ପ୍ରେମର ଧାରା ହିଁ ତ ବୃଷ୍ଟି ହେଉଥାଏ । ତାଙ୍କର ସ୍ନେହପୂର୍ଣ୍ଣ ଦୃଷ୍ଟି ମୋତେ ନିଶ୍ଚୟ ପବିତ୍ର କରିଦେବ । ସେ ନିଶ୍ଚୟ ମୋତେ କୃପା ଦୃଷ୍ଟିରେ ଦେଖିବେ । ମୋତେ ଦେଖିବା କ୍ଷଣି ସେ ନିଶ୍ଚିତ ତାଙ୍କର ବରଦ ହସ୍ତ ମୋ ମସ୍ତକରେ ସ୍ପର୍ଶ କରିବେ ।

ଅକ୍ରୁର ଶ୍ରୀକୃଷ୍ଣଙ୍କ ଭାବନାରେ ଏପରି ତନ୍ମୟ ହୋଇଗଲେ ଯେ ସେ ତତ୍‌କାଳ ଗୋକୁଳରେ ପହଞ୍ଚି ଯାଇଥିବା ଭଳି ଅନୁଭବ କରିବାରେ ଲାଗିଲେ । ଶ୍ରୀକୃଷ୍ଣଙ୍କର ବରଦ ହସ୍ତ ତାଙ୍କ ମସ୍ତକ ସ୍ପର୍ଶ କରୁଥିବା ଭଳି ଅନୁଭବ କରିବାରେ ଲାଗିଲେ । ସେ ଏପରି ଭାବି ନିଜ ହାତକୁ ନିଜ ମସ୍ତକ ଉପରେ ରଖିଦେଲେ ।

ପ୍ରଭୁ ସ୍ମରଣରେ ଏପରି ଏକାଗ୍ରତା ଆସିଗଲେ ପ୍ରଭୁ ପ୍ରସନ୍ନ ହୋଇଯାଆନ୍ତି ।

ପବିତ୍ର ଚିନ୍ତନ କରୁଥିଲେ ଜୀବନ ସଫଳ ହୋଇଯାଏ । ସବୁବେଳେ ସୁଖୋପଭୋଗ ଚିନ୍ତନ କରୁଥିଲେ ଆତ୍ମଶକ୍ତି ନଷ୍ଟ ହୋଇଯାଏ । ଆମେ ଯାହା ଆମ ମନରେ ଚିନ୍ତାକରୁ ତାହା ଆମେ କାର୍ଯ୍ୟରେ କରିପାରୁନା, ଈଶ୍ୱର ତାଙ୍କ ମନରେ ଆମ ପାଇଁ ଯାହା ଚିନ୍ତା କରନ୍ତି ତାହା ସେ କରିଦିଅନ୍ତି ।

ଆତ୍ମାରେ ଯେଉଁ ଶକ୍ତି ଥାଏ ତାହା ହେଉଛି ପରମାତ୍ମାଙ୍କର । ଆତ୍ମା ଓ ପରମାତ୍ମା ହେଉଛନ୍ତି ଏକ । ପବିତ୍ର ଚିନ୍ତନରେ ହୃଦୟ ପବିତ୍ର ହୁଏ ଓ ଶୁଦ୍ଧ ହୁଏ । ଏଇଥିପାଇଁ ତ କୁହାଯାଇ ଅଛି ତନ୍ମେ ମନଃ ଶିବସଂକଳ୍ପମସ୍ତୁ ।

ମୋ ମନ ସବୁବେଳେ ଶୁଭସଂକଳ୍ପ କରୁ । କାହାରି ହେଲେ ଖରାପ କଥା



ଚିନ୍ତା କରିବା ଅନୁଚିତ । ସମସ୍ତଙ୍କର ମଙ୍ଗଳ ହେଉ ।

ଭଗବାନ ଅକ୍ରୁରଙ୍କର ସମସ୍ତ ଶୁଭ ସଂକଳ୍ପ ପୂରଣ କରିଥିଲେ । ଭଗବାନ ସମସ୍ତଙ୍କର ଶୁଭ ବିଚାର ଓ ସଂକଳ୍ପକୁ ପୂରଣ କରିଥାନ୍ତି ।

ଅକ୍ରୁର ଭାବୁଥାନ୍ତି, କହ୍ନେଇ ମୋତେ ଆଉ ନା' ଧରି ଡାକିବେ କି ? ମୁଁ ଅଧମ, ପାପୀ ପୁଣି ବୟୋବୃଦ୍ଧ ହୋଇଯାଇଛି । ମୁଁ ପୁଣି ବସୁଦେବର ଦଦେଇପୁଅ ଭାଇ । ମୋତେ କହ୍ନେଇ ଆଉ ଦାଦା ବୋଲି ଡାକିବେ କି ? ସେ ମୋତେ ଭୁଲରେ ବି ଯଦି ଦାଦା ବୋଲି ଡାକନ୍ତି ତେବେ ତ ମୋ ଜନ୍ମ ସଫଳ ହୋଇଯାଆନ୍ତା ।

ଭଗବାନ ଯାହାକୁ ଆଦର କରନ୍ତି ନାହିଁ ତା ଜୀବନ ବୃଥା ହୋଇଯାଏ । ଜୀବ ମାତ୍ରକେ ମାନ ନିମନ୍ତେ ଭୋକିଲା ଜଗତର କଥାକୁ କାନ ଦେବା ଉଚିତ ନୁହେଁ । କେହି ପ୍ରଶଂସା କଲେ ସଦଭାବ ସୃଷ୍ଟି ହେବ । କେହି ନିନ୍ଦାକଲେ କୁଭାବ । ତେଣୁ ଲୋକଙ୍କ କଥାକୁ କାନ ନ ଦେଇ ଭଗବାନ କ'ଣ କହିଲେ ସେହି କଥା ପ୍ରତି ଧ୍ୟାନ ଦେବା ଉଚିତ । ଭଗବାନ ସବୁବେଳେ ସଦଭାବକୁ ଅପେକ୍ଷା କରିଥାନ୍ତି ।

ଈଶ୍ୱରଙ୍କ ସହିତ କିଛି ନା କିଛି ସଂପର୍କ ଯୋଡ଼ିବାକୁ ହିଁ ପଡିବ ।

ବୃନ୍ଦାବନରେ ଜଣେ ମହାତ୍ମା ରହୁଥିଲେ । ସେ ଥିଲେ ନିଃସନ୍ତାନ । ସେ ଜାଣନ୍ତି ଯେ ପର୍ଯ୍ୟନ୍ତ ଯୋଗାଭ୍ୟାସ ଥାଏ ସେ ପର୍ଯ୍ୟନ୍ତ ମନ ସ୍ଥିର ରହେ । ପ୍ରାଣାୟାମ ବନ୍ଦ ହେବାକ୍ଷଣି ମନ ପୁରି ଇତସ୍ତତଃ ବୁଲିବାରେ, ଡିଆଁକୁଦା କରିବାରେ ଲାଗେ । ସେ ସଂସାରକୁ ଏକ ପ୍ରକାର ଭୁଲିଯାଇଥିଲେ । ଆଉ ବାଳକୃଷ୍ଣଙ୍କୁ, କହ୍ନେଇଙ୍କର ଏକ କଣ୍ଢେଇ ମୂର୍ତ୍ତିଙ୍କୁ ସବୁବେଳେ ପାଖରେ ରଖିଥିଲେ । କ୍ଷଣକ ପାଇଁ ସୁଦ୍ଧା ପାଖଛଡ଼ା କରୁ ନ ଥିଲେ । ସେଇ କଣ୍ଢେଇକୁ କୋଳରେ ଧରି ଖେଳାଉ ଥିଲେ । କହ୍ନେଇ କୋଳରେ ବସି ଖେଳୁଛି, କହ୍ନେଇ ତାଙ୍କର ଦାଢ଼ି ଟାଣୁଛି, କହ୍ନେଇ ଦୁଷ୍ଟାମି କରୁଛି, ଏହିପରି ବାତ୍ସଲ୍ୟ ଭାବରେ ମହାତ୍ମା କହ୍ନେଇଙ୍କୁ ଭକ୍ତି କରିବାରେ ଲାଗିଥିଲେ ।

ସଂସାରକୁ ଭୁଲିଲେ ପ୍ରଭୁ ଆପଣାର କରିଥାନ୍ତି । ଜଗତ ବିଷୟରେ ବିସ୍ମରଣ ଭାବ ଆସିଗଲେ ପ୍ରଭୁ ସ୍ମରଣ ଚିନ୍ତନରେ ଦୃଢ଼ତା ଆସିଯାଏ । ସଂସାର ସୁଖ ବି ଦିଏ, ଦୁଃଖ ବି ଦିଏ ।

ମହାତ୍ମା ପରମାତ୍ମାଙ୍କ ସହିତ ପିତା ପୁତ୍ର ସମ୍ପର୍କ ଭାବରେ ଧୀରେ ଧୀରେ ଏପରି ତନ୍ମୟ ହୋଇଗଲେ ଯେ ସଂସାର ସମ୍ପୂର୍ଣ୍ଣ ବିସ୍ମରଣ ହୋଇଗଲା । ମା' ଭଳି ସେ କହ୍ନେଇଙ୍କ ଲାଳନ ପାଳନ କରିବାରେ ଲାଗିଲେ । ପରମାତ୍ମାଙ୍କର ଅପୂର୍ବ ଲୀଳା । କହ୍ନେଇ ମଧ ମହାତ୍ମାଙ୍କ ମନକୁ ତଲ୍ଲୀନ କରି ଦେଇଥାନ୍ତି । ପରମାତ୍ମାଙ୍କୁ ମନ ଦେଇଦେଲେ ସେ ପ୍ରସନ୍ନ ହୁଅନ୍ତି ।

ଦିନେ ମହାତ୍ମା ଗଙ୍ଗାସ୍ନାନ କରିବାକୁ ବାହାରିଛନ୍ତି ଏହି ସମୟରେ ତାଙ୍କୁ ଜଣାଗଲା, ସତେ ଯେପରି କହ୍ନେଇ ତାଙ୍କୁ କହୁଛି ବାପା ମୋତେ ଏକାକୀ ଛାଡି କୁଆଡେ ଯାଅ ନାହିଁ । ମହାତ୍ମା ତ କଥାରେ ଆଉ ବାହାରକୁ ବି ଯାଇପାରୁ ନଥାନ୍ତି ।

ମହାତ୍ମା କହ୍ନେଇଙ୍କର ଏପରି ମାନସୀକ ସେବା କରୁକରୁ ଦିନେ ମରିଗଲେ । ଶିଷ୍ୟମାନେ ଶବକୁ ସଂସ୍କାର ନିମନ୍ତେ ନେଇଗଲେ । ସେମାନେ ଦାହ ସଂସ୍କାରର ଆୟୋଜନ କରୁଛନ୍ତି ଏପରି ସମୟରେ ସାତବର୍ଷର ବାଳକଟିଏ କେଉଁଠାରୁ ହାତରେ ଗଙ୍ଗାଜଳ ଧରି ଶବ ପାଖରେ ପହଞ୍ଚିଗଲା । ଆଉ କହିଲା, ମୁଁ ଏହାଙ୍କର ପୁଅ । ପିତାଙ୍କର ଅଗ୍ନିସଂସ୍କାର ଦାୟିତ୍ୱ ଓ ଅଧିକାର ପୁଅର ହୋଇଥାଏ । ତୁମେମାନେ ଆଡେଇ ହୋଇଯାଅ । ମୁଁ ପିତାଙ୍କର ଗଙ୍ଗାସ୍ନାନ କରାଇବି । ଗଙ୍ଗାଜଳ ଧରି ଆସିଛି ।

ସାତ ବର୍ଷର ବାଳକର ଅପୂର୍ବ ରୂପକାନ୍ତି ଦେଖିବାକ୍ଷଣି ଶିଷ୍ୟମାନେ ସ୍ୱତଃ ଆଡେଇ ହୋଇଗଲେ । କ୍ଷଣକ ପାଇଁ ସେମାନେ ଭୁଲିଗଲେ ଯେ ସେମାନଙ୍କର ଗୁରୁଦେବ ଥିଲେ ବ୍ରହ୍ମଚାରୀ ଓ ନିଃସନ୍ତାନ । ବାଳକ ପିତାଙ୍କ ସ୍ନାନ ସାରି ଅଗ୍ନି ସଂସ୍କାର କରି ଧୀରେ ଧୀରେ ଚାଲିଗଲେ ଓ ଅଳ୍ପ ସମୟ ପରେ ଅଦୃଶ୍ୟ ହୋଇଗଲା ।

ଏଥର ଶିଷ୍ୟମାନେ ପ୍ରକୃତିସ୍ଥ ହୋଇଗଲେ । ମହାତ୍ମା ନିଃସନ୍ତାନ ଥିବାକଥା ସେମାନଙ୍କର ମନେ ପଡିଗଲା । ସ୍ୱୟଂ ଭଗବାନ ଆସି ସାଧୁଙ୍କର ଅନ୍ତ୍ୟେଷ୍ଟି କ୍ରିୟା କରିଗଲେ ବୋଲି ସେମାନେ ହୃଦୟଙ୍ଗମ କଲେ । ମହାତ୍ମାଙ୍କ ଇଚ୍ଛା ପୂର୍ତ୍ତି ବି ହୋଇଗଲା ।

ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଥିବା ଘରର ପୁତ୍ରମାନେ ସଂପତ୍ତି ଭାଗବଣ୍ଟା କରି ପିତା ସନ୍ତାପର କାରଣ ହେଉଥିବା ଉଦାହରଣ ଆମ ପାଖରେ ଯଥେଷ୍ଟ ଅଛି । ହେଲେ ପ୍ରଭୁ କିଛି ଭାଗବଣ୍ଟା କରନ୍ତି ନାହିଁ । ସେ କେବେହେଲେ ବିଶ୍ୱାସଘାତ କରନ୍ତି ନାହିଁ । ମାନବର ଅନ୍ତିମ ସମୟରେ ତାଙ୍କ ପାଖରେ ଦୌଡି ଆସନ୍ତି । ଜୀବ ହିଁ ଜୀବର ବିଶ୍ୱାସଘାତକତା କରେ । ପ୍ରଭୁ ଏପରି କିନ୍ତୁ କରନ୍ତି ନାହିଁ ।

ଜୀବ ଶ୍ରୀକୃଷ୍ଣଙ୍କୁ ଯେଉଁ ଭାବରେ, ଯେଉଁ ରୂପରେ ସ୍ମରଣ କରେ ଶ୍ରୀକୃଷ୍ଣ ସେହି ପ୍ରକାରରେ ତା ପାଖକୁ ଆସନ୍ତି ।

# କ'ଣ ଖାଇବେ କରୋନା ରୋଗୀ

କରୋନା ସଂକ୍ରମିତ ହୋଇଥିବା ବ୍ୟକ୍ତି କ'ଣ ଖାଇବେ । କିଭଳି ରୋଗ ପ୍ରତିରୋଧ ଶକ୍ତି ବଢ଼ିବ । ଏହା ଉପରେ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି ।



କରୋନା ରୋଗୀ ଭିଜା ଆଲମଣ୍ଡ ଓ କିସ୍‌ମିସ୍ ଖାଇବେ । ନିୟମିତ ଭାବେ ସକାଳୁ ଏହାକୁ ଖାଆନ୍ତୁ ।

ସକାଳ ଜଳଖିଆରେ ମାଣ୍ଡିଆ କିମ୍ବା ଦଲିଆ ଖାଇବେ । ଏହା ଆମର ହଜମ ଶକ୍ତି ବଢ଼ାଇବା ସହ ରୋଗ ପ୍ରତିରୋଧକ ଶକ୍ତି ବି ବଢ଼ାଇବ । ଚିକେନ୍, ମାଛ, ଅଣ୍ଡା, ପନିର, ସୋୟାବିନ୍ ଏବଂ ବାଦାମ ଖାଆନ୍ତୁ ।

ଏହା ସହ ହାଇପ୍ରୋଟିନ୍ ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ । ଅଲିଭ୍ ଅଏଲ୍ ଓ ସୋରିଷ ତେଲରେ ଖାଦ୍ୟ ପ୍ରସ୍ତୁତ କରନ୍ତୁ । ଖାଇବା ପରେ ଗୁଡ ଓ ଘିଅ ଖାଆନ୍ତୁ । ଏହା ଶରୀରକୁ ଗରମ ରଖିବ । ପ୍ରତିଦିନ ଫଳ ଖାଆନ୍ତୁ । ସଂଗରୋଧରେ ଥିବା କରୋନା ସଂକ୍ରମିତ ଅଳ୍ପ ପରିମାଣରେ ଡାର୍କ ଚକୋଲେଟ୍ ଖାଇ ପାରିବେ । ରାତ୍ରି ଭୋଜନରେ ଖେଚେଡି ଖାଇ ପାରିବେ । ଏହା ରୋଗୀକୁ ଡାଇରିଆ ଭଳି ସମସ୍ୟାରୁ ଦୁରେଇ ରଖିବ । କ୍ଷୀରରେ ହଳଦୀ ମିଶାଇ ପ୍ରତିଦିନ ପିଅନ୍ତୁ । ଶରୀରକୁ ହାଇଡ୍ରେଡ୍ ରଖିବା ପାଇଁ ସାଧା ପାଣି ବ୍ୟତୀତ ନିୟମିତ ଲେମ୍ବୁ ପାଣି ଓ ଦହି ପାଣି ପିଅନ୍ତୁ ।

ଭିଟାମିନ୍ ସି 'ଯୁକ୍ତ ଫଳମୂଳ ଖାଇବା ସହ ଲେମ୍ବୁ ପାଣି ଦିନରେ ୨-୩ ଥର ପିଇପାରିବେ । ପ୍ରତ୍ୟେକ ବ୍ୟଞ୍ଜନରେ ରସୁଣ ଛୁଙ୍କ ଦିଅନ୍ତୁ ।

କାକୁଡି, ବିଲାତି ବାଇଗଣ, ଦହି ମିଶାଇ ସାଲାଡ ପ୍ରସ୍ତୁତ କରି ଖାଇବା ସହ ଲସି କିମ୍ବା ଦହି ପାଣି ଭୋଜନ ପରେ ପିଇ ପାରିବେ ।

ସୋରିଷ ତେଲ ରନ୍ଧା ଖାଦ୍ୟ ପ୍ରସ୍ତୁତ ସପରିବାର ଖାଇବା ଶରୀର ପାଇଁ ଭଲ । ସକାଳ ଜଳଖିଆରେ ପରିବା ମିଶା ଉପମା, ଚୁଡା ଉପମା ଇତ୍ୟାଦି ତିଆରି କରି ଖାଇ ପାରିବେ । ପଇଡ ପାଣି, ନଡିଆ ପାଣି ପିଇବା ମଧ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ।

ମଧୁମେହ ରୋଗୀ, ହୃଦ୍ ରୋଗୀ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଭୋଜନ କରିବା ଉଚିତ ।

# ନିର୍ମଳ ମନ ଜନ ସୋ ମୋହି ପାଓ୍ୱା

ଅବିରଳ ଭକ୍ତିର ପ୍ରତୀକ ଓ ବ୍ରହ୍ମାଙ୍କ ମାନସପୁତ୍ର ଦେବର୍ଷି ନାରଦ ଲୋକକଲ୍ୟାଣ ଉଦ୍ଦେଶ୍ୟରେ ବିଭିନ୍ନ ଲୋକରେ ପରିଭ୍ରମଣ କରୁଥିଲେ । ତାଙ୍କର ମାର୍ଗଦର୍ଶନ ପାଇ କୋଟି କୋଟି ଭକ୍ତ ନିଜର ଅବିରଳ ଭକ୍ତି ମାଧମରେ ନିଜ ଆରାଧ୍ୟଙ୍କୁ, ଭଗବାନଙ୍କୁ, ଜୀବନର ପରମଲକ୍ଷ୍ୟକୁ ପାଇବାରେ ସଫଳତା ପାଇଥିଲେ । ନାରଦଙ୍କ ପରାମର୍ଶରେ ହିଁ ମାତା ପାର୍ବତୀ ଭଗବାନ ଶିବଙ୍କୁ ପତି ରୂପେ ପାଇବା ପାଇଁ କଠୋର ତପ କଲେ ଓ ଭଗବାନ ଶିବଙ୍କୁ ପ୍ରାପ୍ତ ହେଲେ । ନାରଦ କହିବାରୁ ହିଁ ଧ୍ରୁବ ଭଗବାନ ବିଷ୍ଣୁଙ୍କୁ ପାଇବା ପାଇଁ କଠୋର ତପ କଲେ ଓ ଶେଷରେ ଭଗବାନ ବିଷ୍ଣୁଙ୍କ ଦିବ୍ୟଦର୍ଶନ ଲାଭ କରି ପାରିଲେ । ନାରଦଙ୍କ କହିବା ଅନୁସାରେ କୟାଧୁ ଭଗବାନଙ୍କ ସ୍ମରଣ କଲେ ଓ ଭକ୍ତ ପ୍ରହ୍ଲାଦ ଭଳି ପୁତ୍ରକୁ ଜନ୍ମ ଦେଲେ ।

ବିଭିନ୍ନ ଶାସ୍ତ୍ର ପୁରାଣରେ ଆମକୁ ଏଭଳି ଅଗଣିତ ଦୃଷ୍ଟାନ୍ତ ଦେଖିବାକୁ ଶୁଣିବାକୁ ମିଳିଥାଏ । ନିଜର ଲୋକୋପକାରୀ ପ୍ରବୃତ୍ତି ଏବଂ ସଦଗୁଣ କାରଣରୁ ନାରଦ ଦେବତା ଓ ଅସୁର, ଉଭୟଙ୍କ ମଧ୍ୟରେ ସମ୍ମାନ ଦୃଷ୍ଟିରେ ଦେଖା ଯାଉଥିଲେ । ନିଃସନ୍ଦେହ ନାରଦ ଯତ୍ର ତତ୍ର ଭ୍ରମଣ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରତ୍ୟେକ ଭକ୍ତର ଡାକକୁ ଭଗବାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା । ଏକ ପୌରାଣିକ କଥା ଅନୁସାରେ ଥରେ ନାରଦ କେଉଁଆଡେ ଭ୍ରମଣରେ ଯାଉଥିବା ବେଳେ ଗୋଟିଏ ବରଗଛ ତଳେ ବସି ତପ କରୁଥିବା ଜଣେ ବ୍ରାହ୍ମଣ ଉପରେ ତାଙ୍କର ନଜର ପଡିଲା ।

ସେହି ବ୍ରାହ୍ମଣ ନାରଦଙ୍କୁ ଦେଖି କହିଲା- 'ହେ ନାରଦ ! ଆପଣ ତ ଭଗବାନଙ୍କ ପାଖକୁ ଯିବା ଆସିବା କରୁଛନ୍ତି । ଏଥର ଯେତେବେଳେ ଆପଣ ଭଗବାନଙ୍କ ପାଖକୁ ଯିବେ ତ ଆପଣ ଭଗବାନଙ୍କୁ ଅବଶ୍ୟ ମୋ ବିଷୟରେ ପଚାରିବେ ଯେ ସେ ମୋତେ କେବେ ଦର୍ଶନ ଦେବେ ? ବ୍ରାହ୍ମଣ କହିଲା ଯେ ମୁଁ ଦୀର୍ଘ ବର୍ଷ ହେଲା ଭଗବାନଙ୍କ ସ୍ମରଣ କରୁଛି, ତଥାପି ଭଗବାନ ମୋତେ ଦର୍ଶନ ଦେଇ ନାହାନ୍ତି ?

ନାରଦ କହିଲେ, ଠିକ୍ ଅଛି ବ୍ରାହ୍ମଣ ଦେବ । ଏଥର ମୁଁ ଭଗବାନଙ୍କୁ ଭେଟିବାକୁ ଗଲେ ତାଙ୍କୁ ଆପଣଙ୍କ ବିଷୟରେ ଅବଶ୍ୟ କହିବି ।

ନାରଦ ସେଠାରୁ ଚାଲିଗଲେ ଓ କିଛି ଦୂର ଯାଇ ଦେଖିଲେ ଯେ ଏକ ଅଶ୍ୱତ୍ଥ ବୃକ୍ଷ ତଳେ ଜଣେ ମୋଚି ବସିଛି ଏବଂ ସେ ଲୋକଙ୍କର ଜୋତା ତିଆରି କରିବା ସିଲେଇ କରିବା କାମ କରୁଛି । ନାରଦ କୌତୁହଳବଶତଃ ସେଠାରେ ଓହ୍ଲାଇଲେ ଓ ସେହି ମୋଚି ପାଖରେ ପହଞ୍ଚିଲେ । ନାରଦଙ୍କୁ ଦେଖି ମୋଚି ବହୁତ ହର୍ଷିତ ହେଲା ଓ ସେ ତାଙ୍କର ସତ୍କାର କଲା । ନାରଦ ସେଠାରୁ ଯିବାକୁ ବାହାରିବା ବେଳକୁ ମୋଚି କହିଲା ହେ ଦେବର୍ଷି । ମୁଁ ତ ଘର ଗୃହସ୍ଥୀ କାର୍ଯ୍ୟରେ ଲାଗି ରହୁଛି । ମୁଁ ଭଗବାନଙ୍କର ବେଶୀ ସ୍ମରଣ କରିପାରୁ ନାହିଁ । ଏଥିପାଇଁ ମୁଁ ଦୁଃଖିତ ଏବଂ ଏହା ଦ୍ୱାରା ମୋର ମନେ ହେଉଛି ଯେ ଏଥର ମୋର ଏଇ ମାନବ ଜୀବନ ବୃଥା ହୋଇଗଲା, କାରଣ ଭଗବାନଙ୍କୁ ପ୍ରାପ୍ତ କରିବା ମୋ ଭଳି ସାଧାରଣ ଲୋକଟିଏ ପାଇଁ ସମ୍ଭବ ହୋଇ ପାରୁଛି କେଉଁଠି ? ଯଦି ଭଗବାନଙ୍କ ସହିତ ଆପଣଙ୍କର ଭେଟ ହେବ ତ ଆପଣ ତାଙ୍କୁ ଏହା ନିଶ୍ଚୟ ପଚାରିବେ ଯେ ମୋ ପରି ଅକିଞ୍ଚନ ଉପରେ କ'ଣ ଭଗବାନଙ୍କର କୃପା କେବେ ହୋଇ ପାରିବ ।

ନାରଦ କହିଲେ - ମୁଁ ତୁମର ସନ୍ଦେଶ ଭଗବାନଙ୍କୁ ଅବଶ୍ୟ ଶୁଣାଇବି । ତତ୍‌ପଶ୍ଚାତ ନାରଦ ସେଠାରୁ ଚାଲିଗଲେ । ନାରଦ ଯେତେବେଳେ ଭଗବାନ ବିଷ୍ଣୁଙ୍କ ପାଖରେ ପହଞ୍ଚିଲେ ତ ସେ ବ୍ରାହ୍ମଣ ଓ ମୋଚି, ଉଭୟଙ୍କ ସନ୍ଦେଶ ଭଗବାନଙ୍କୁ ଶୁଣାଇଲେ । ନାରଦଙ୍କ କଥା ଶୁଣି ଭଗବାନ ବିଷ୍ଣୁ କହିଲେ ନାରଦ ! ଆପଣ ସେ ଦୁହିଁଙ୍କ ପାଖକୁ ଯାଇ କହିଦେବେ ଯେ ସେ ଦୁହେଁ ଯେଉଁ ବୃକ୍ଷର ତଳେ ବସିଛନ୍ତି, ସେହି ବୃକ୍ଷରେ ଯେତିକି ପତ୍ର ଅଛି, ସେତିକି ବର୍ଷ ପରେ ହିଁ ଦୁହେଁ ମୋର ଦର୍ଶନ ଲାଭ କରିପାରିବେ ।

ନାରଦ ଦୁହିଁଙ୍କ ପାଖକୁ ଯାଇ ଭଗବାନଙ୍କ ସନ୍ଦେଶ ଶୁଣାଇଲେ । ନାରଦଙ୍କ ଠାରୁ ଭଗବାନଙ୍କ ସନ୍ଦେଶ ଶୁଣିବା ମାତ୍ରେ ବ୍ରାହ୍ମଣ ବଡ଼ ଉଦାସ ହୋଇଗଲା । ତେଣେ ମୋଚି ସେହି ସନ୍ଦେଶ ପାଇବାରୁ ତା'ର ହର୍ଷର ସୀମା ରହିଲା ନାହିଁ । କିଛି ଦିନ ପରେ ଯେବେ ଯେବେ ନାରଦ ସେହି ବାଟରେ ଯାଉଥିଲେ ତ ସେ ଦେଖିଲେ ଯେ ବରଗଛ ତଳେ ବସି ତପ କରୁଥିବା ବ୍ରାହ୍ମଣ ଏବେ ଆଉ ସେଠାରେ ନାହିଁ, ଅଥଚ ଅଶ୍ୱତ୍ଥ ଗଛ ତଳେ ମୋଚି ବସି ବଡ଼ ହର୍ଷିତ ଭାବରେ ନିଜ କାର୍ଯ୍ୟରେ ଲାଗି ରହିଛି ।

ନାରଦ ତାକୁ ପଚାରିଲେ ଭଲା ତୁମେ ଏପରି ଆନନ୍ଦିତ ହେବାର କାରଣ କ'ଣ ? ତୁମର ତ ଭଗବାନ ଏବେ ଦର୍ଶନ ଦେବାର ନାହିଁ । ମୋଚି କହିଲା ହେ ଦେବର୍ଷି ! ଏବେ କିଛି ସମୟ ପୂର୍ବରୁ ହିଁ ଭକ୍ତବତ୍ସଳ ଭଗବାନ ମୋ ପରି ଅକିଞ୍ଚନକୁ ନିଜର ଦର୍ଶନ ଦେଇ କୃତାର୍ଥ କରି ଦେଇଛନ୍ତି । ଭଗବାନଙ୍କ ଦର୍ଶନ ପାଇ ମୋର ରୋମ ରୋମ ପୁଲକିତ ହୋଇଯାଉଛି ।

ନାରଦ ଏହା ଦେଖି ବଡ଼ ଆଶ୍ଚର୍ଯ୍ୟ ହେଲେ । ସେ ପୁଣି ଭଗବାନ ବିଷ୍ଣୁଙ୍କ ପାଖରେ ପହଞ୍ଚିଲେ ଓ ପଚାରିଲେ ଭଗବାନ ! ଆପଣ ତ କହିଥିଲେ ଯେ ସେହି ବ୍ରାହ୍ମଣ ଆଉ ମୋଚିକୁ ଆପଣ ଦୀର୍ଘ ବର୍ଷ ପରେ ଦର୍ଶନ ଦେବେ, କିନ୍ତୁ ଆପଣ ତ ସେହି ମୋଚିକୁ ଏବେ ଦର୍ଶନ ଦେଇଦେଲେ ଏବଂ ବ୍ରାହ୍ମଣ ତ ଏବେ ଆଉ ସେଠାରେ ତପ କରୁ ନାହିଁ । ଆପଣ ସେ ଦୁହିଁଙ୍କ ସହିତ ଏପରି ଅଲଗା ଅଲଗା ବ୍ୟବହାର କାହିଁକି କଲେ ? ଭଗବାନ ବିଷ୍ଣୁ ମୃଦୁ ହସିଲେ ଓ କହିଲେ ସେହି ବ୍ରାହ୍ମଣ ନିଃସନ୍ଦେହ କେତେ ବର୍ଷ ଧରି ତପ କରୁଥିଲା, କିନ୍ତୁ ତା' ମନରେ ଏବେ ବି ମୋ ପ୍ରତି ପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ ନ ଥିଲା । ସେଥିପାଇଁ ଯେତେବେଳେ ଆପଣ ତାକୁ କହିଲେ ଯେ ମୋର ଦର୍ଶନ ପାଇବା ପାଇଁ ତାକୁ ବର୍ଷ ବର୍ଷ ଲାଗିଯିବ ତ ସେ ଉଦାସ ହୋଇ ମୋ ପ୍ରତି ବିଶ୍ୱାସ ହରାଇ ବସିଲା ଏବଂ ତପ ପରିତ୍ୟାଗ କରିଦେଲା । ସେ ତପକୁ ଭକ୍ତିକୁ ବହୁତ କମ୍ ବିଶ୍ୱାସର ସହିତ, ଅନ୍ୟ ମନସ୍କ ଢ଼ଙ୍ଗରେ କୌଣସି ପ୍ରକାରେ କରୁଥିଲା । ତା'ର ଭକ୍ତିରେ ଗଭୀରତା ନ ଥିଲା, କିନ୍ତୁ ଯେତେବେଳେ ଆପଣ ସେକଥା ମୋଚିକୁ କହିଲେ ତ ସେ ନିରାଶ ହେଲା ନାହିଁ, ବରଂ ଦୀର୍ଘ ବର୍ଷ ପରେ ହେଉ ପଛକେ, ତାକୁ ଭଗବାନଙ୍କ ଦର୍ଶନ ତ ଯେମିତି ହେଲେ ମିଳିବ, ଏହା ଭାବି ମୋ ପ୍ରତି ତା'ର ବିଶ୍ୱାସ ଆହୁରି ବଢ଼ିଗଲା । ମୋ ଭଳି ଅକିଞ୍ଚନକୁ ପ୍ରଭୁ କେବେ ଦର୍ଶନ ଦେବେ ଏହା ଭାବି ସେ ଆନନ୍ଦରେ ନାଚିବାରେ ଲାଗିଲା ଓ ମୋର ପ୍ରେମରେ ଏତେ କାନ୍ଦିଲା ଯେ ତା ହୃଦୟର ସମସ୍ତ କଳୁଷ କଳ୍ମଷ ପ୍ରେମାଶ୍ରୁ ରୂପେ ଆଖିରୁ ବାହାରିବାରେ ଲାଗିଲା । ତାର ଏପରି ପ୍ରେମୋନ୍ମତ୍ତ ଭାବଦଶାକୁ ଦେଖି ମୁଁ ରହି ପାରିଲି ନାହିଁ ଓ ତତ୍କାଳ ସେଇ ଭକ୍ତକୁ ଭେଟିବା ପାଇଁ ସ୍ୱୟଂ ଚାଲିଗଲି । ମୁଁ ସ୍ୱୟଂ ତା ସହିତ ମିଶିବାରୁ ରୋକିପାରିଲି ନାହିଁ ।

ନାରଦ ବୁଝିଗଲେ ଯେ ଭଗବାନ କାହା ସହିତ ଭେଦଭାବ କରନ୍ତି ନାହିଁ ବରଂ ନିଜର ପାତ୍ରତା ଆଧାରରେ ହିଁ ବ୍ୟକ୍ତି ପ୍ରଭୁଙ୍କୁ ପାଇବାରେ ସମର୍ଥ ହୋଇଥାଏ । ପ୍ରଭୁ କାହାର ତପର ଅବଧି ଓ ମାଳା ସଂଖ୍ୟାକୁ, ଜପର ଗଣନାକୁ ଦେଖନ୍ତି ନାହିଁ, ବରଂ ବ୍ୟକ୍ତିର ଅନ୍ତରର ନିର୍ମଳତା, ପାବନତା, ପବିତ୍ରତାକୁ ଦେଖି ହିଁ ତାକୁ ନିଜର କୃପା ଦ୍ୱାରା କୃତାର୍ଥ କରି ଦିଅନ୍ତି । ଭଗବାନ ରାମଚରିତ ମାନସରେ ଠିକ୍ ହିଁ କହିଛନ୍ତି-

ନିର୍ମଳ ମନ ଜନ ସୋ ମୋହି ପାଓ୍ୱା ।
ମୋହ କପଟ ଛଳ ଛିଦ୍ର ନ ଭାଓ୍ୱା ।

## ଆଜିର ଚିନ୍ତନ

ଧର୍ମ ପରାଜୟ ଭଗବାନଙ୍କ ପରାଜୟ । ଭଗବାନ ଧର୍ମର ମୂର୍ତ୍ତି ଭଗବାନ୍ କେବେ ପରାଜିତ ହୁଅନ୍ତି ନାହିଁ । ଏଣୁ ଧର୍ମର ମଧ କେବେ ପରାଜୟ ନାହିଁ । ଭଗବାନ ସର୍ବଦା ନିଷ୍ପକ୍ଷ, ପକ୍ଷପାତୀ କେବେ ନୁହନ୍ତି । କିନ୍ତୁ ମହାଭାରତ ପଢ଼ିଲେ ଏପରି ଜଣାଯାଏ ଯେ, ଶ୍ରୀକୃଷ୍ଣ ପକ୍ଷପାତ କରନ୍ତି, ଏହା କିପରି ? ଭଗବତ୍ ଗୀତାରେ ଭଗବାନ୍ ସ୍ୱୟଂ କହିଛନ୍ତି 'ସମୋଽହଂ ସର୍ବଭୂତେଷୁ', ଏଭଳି ବଚନ କହୁଥିବା ଭଗବାନ ପାଣ୍ଡବମାନଙ୍କ ପକ୍ଷପାତୀ ହୋଇ କୌରବମାନଙ୍କ ଠାରେ ଶତ୍ରୁତା କରିପାରିଲେ କିପରି ? ଦୁର୍ଯ୍ୟୋଧନକୁ କପଟ କରି ମାରିଲେ କିପରି ? କର୍ଣ୍ଣ ରଥ ପୃଥିବୀରେ ଧସିଗଲା । ଭଗବାନ ଅର୍ଜୁନଙ୍କୁ କହିଲେ ଏବେ ହିଁ ମାର । କର୍ଣ୍ଣ କହିଲେ, ମୁଁ ରଥ ଚକକୁ ବାହାର କରୁଛି । ରହ ଅର୍ଜୁନ ଏବେ ମୋ ହାତରେ ଶସ୍ତ୍ର ନାହିଁ । ତୋ ସହିତ ଯୁଦ୍ଧ କରିବି କିପରି ? ଏବେ ମୋ ଉପରକୁ ଅସ୍ତ୍ର ପ୍ରହାର କଲେ, ତାହା ଅଧର୍ମ ଯୁଦ୍ଧ ହେବ । ମୁଁ ନିଜେ ରଥ ବାହାର କରିବା ପରେ ଅସ୍ତ୍ର ଧରିବି, ସେତେବେଳେ ଯୁଦ୍ଧ ହେବ । ଅର୍ଜୁନ ବର୍ତ୍ତମାନ ଦ୍ୱିଧାଗ୍ରସ୍ତ ମାରିବି ନା ନାହିଁ । ଭଗବାନ କହୁଛନ୍ତି କ'ଣ ଦେଖୁଛ ? ମାର ଅପେକ୍ଷା କର ନାହିଁ । କର୍ଣ୍ଣ ଶ୍ରୀକୃଷ୍ଣଙ୍କୁ ଅନେକ ପ୍ରଶ୍ନ କରିଛନ୍ତି । ଭଗବାନ କହିଛନ୍ତି କର୍ଣ୍ଣ ! ଦ୍ରୌପଦୀଙ୍କୁ ରାଜସଭାକୁ ଆଣ ବୋଲି କୌରବଙ୍କୁ ପ୍ରବର୍ତ୍ତାଇବା ବେଳେ ତୋ ଧର୍ମ କୁଆଡେ ଯାଇଥିଲା ? ଅଭିମନ୍ୟୁ ବଧ ବେଳେ ତୋ ଧର୍ମ କେଉଁଠି ଥିଲା ? ଅର୍ଜୁନଙ୍କୁ ପ୍ରଭୁ କହିଲେ ମୁଁ ଯାହା କହୁଛି, ତାହା ଧର୍ମ । ଏହି ଭାବରେ ଭଗବାନ ଶ୍ରୀକୃଷ୍ଣ ଧର୍ମର ଜୟ ପାଇଁ କପଟ ମଧ କରନ୍ତି । କଳି ଯୁଗରେ ଏପରି ଦେଖାଯାଏ ଅଧର୍ମର ଜୟ ହେଉଛି । ଲୋକେ କହନ୍ତି କଳି ଯୁଗରେ ଧର୍ମ ନାହିଁ । ଏହା ଭ୍ରମାତ୍ମକ । ଧର୍ମ ସବୁ ଯୁଗରେ ଅଛି । ଧର୍ମ ନଥିଲେ ପୃଥିବୀ ରହିବ ନାହିଁ କିମ୍ବା ପୃଥିବୀରେ ଜୀବସତ୍ତା ରହିବ ନାହିଁ । ଯେଉଁଠି ଧର୍ମ, ସେଇଠି ଭଗବାନ । ଧର୍ମ ଛାଡନ୍ତୁ ନାହିଁ । ଧର୍ମ ନ ଛାଡିଲେ ଆପଣଙ୍କୁ ଭଗବାନ ଛାଡିବେ ନାହିଁ । ଯେ ଧର୍ମ ଛାଡି ଦିଅନ୍ତି, ତାଙ୍କୁ ଭଗବାନ ଛାଡି ଦିଅନ୍ତି । ଯେ ଧର୍ମକୁ ଛାଡେ ସେ ଅଧମ ହୋଇଯାଏ । ଜ୍ଞାନୀ ହୋଇ ମଧ ଯେ ଧର୍ମକୁ ଛାଡନ୍ତି, ଭଗବାନ ତାଙ୍କ ଉପରେ କ୍ରୋଧ କରନ୍ତି । ମହାଭାରତରେ ଦ୍ରୋଣାଚାର୍ଯ୍ୟ ବଧ ଏହାର ଉଦାହରଣ 'ଅଶ୍ୱତ୍ଥାମା ହତଃ'- ଏତିକି ଶୁଣିଛନ୍ତି ଦ୍ରୋଣ ଅନ୍ୟ ଶବ୍ଦରେ ନରେ ବା ଗୁଞ୍ଜରେ ବା' ଏତିକି ଯୁଧିଷ୍ଠିରଙ୍କ ଠାରୁ ଶୁଣିଥିଲେ ଦ୍ରୋଣ ହୁଏତ ଅସ୍ତ୍ରତ୍ୟାଗ କରି ନ ଥାନ୍ତେ । ଚିନ୍ତା କରିଥାନ୍ତେ । ଭଗବାନ ଶ୍ରୀକୃଷ୍ଣ ଦ୍ରୋଣଙ୍କୁ ଏ ସୁଯୋଗ ଦେଲେ ନାହିଁ । ଯୁଧିଷ୍ଠିର ନରେ ଗୁଞ୍ଜରେ ବା' କହିବା ବେଳକୁ ଶ୍ରୀକୃଷ୍ଣ ପାଞ୍ଚଜନ୍ୟର ଶୁଭଶଙ୍ଖ ବଜାଇ ଦେଲେ । ଦ୍ରୋଣାଚାର୍ଯ୍ୟ ବ୍ରାହ୍ମଣ । ସନ୍ଧ୍ୟା ଗାୟତ୍ରୀ ନ କଲେ ବ୍ରାହ୍ମଣ ଅଧମ । ବ୍ରାହ୍ମଣଙ୍କ ଧର୍ମ ଯୁଦ୍ଧ ନୁହେଁ, ଜ୍ଞାନୀ ହୋଇ, ବ୍ରାହ୍ମଣ ହୋଇ ମଧ ଦ୍ରୋଣାଚାର୍ଯ୍ୟ ଧର୍ମ ଛାଡି ଦେବାରୁ ଧର୍ମ ଅର୍ଥାତ୍ ଶ୍ରୀକୃଷ୍ଣ ତାଙ୍କୁ ଛାଡିଦେଲେ । ତାଙ୍କ ସହିତ କପଟ କଲେ, ଜ୍ଞାନୀ ହୋଇ ମଧ ଯେ ସ୍ୱଧର୍ମ ଛାଡନ୍ତି, ଭଗବାନ ତାଙ୍କୁ ଦଣ୍ଡିତ କରନ୍ତି । ତେଣୁ ଧର୍ମ କେବେ ଛାଡିବ ନାହିଁ ।

# ସାମାନ୍ୟ ଲକ୍ଷଣ ଥିଲେ ସିଟି ସ୍କାନ୍ କରନ୍ତୁନି: ଗୁଲେରିଆ

କରୋନାର ସାମାନ୍ୟ ଲକ୍ଷଣ ଥିଲେ ଅନାବଶ୍ୟକ ଭାବେ ସିଟି ସ୍କାନ୍ କରିବା ଉଚିତ୍ ନୁହେଁ । ସିଟି ସ୍କାନ୍ ବଦଳରେ ଏକ୍ସରେ କରିବାକୁ ଦିଲ୍ଲୀସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲେରିଆ କହିଛନ୍ତି । ସାମାନ୍ୟ ଲକ୍ଷଣ ଥିବା କରୋନା ରୋଗୀଙ୍କ ଦ୍ୱାରା ସିଟିସ୍କାନର ଉପଯୋଗ କରାଯିବା ନେଇ ଗୁଲେରିଆ ସତର୍କ କରାଇଛନ୍ତି ।

ସିଟି ସ୍କାନର ଭୟାବହତା ନେଇ ଗୁଲେରିଆ କହିଛନ୍ତି ଥରେ ସିଟି ସ୍କାନ୍ କରିବା ୩୦୦ ରୁ ୪୦୦ ଥର ଛାତିର ଏକ୍ସରେ କରିବା ସହ ସମାନ । ସିଟି ସ୍କାନ ପରବର୍ତ୍ତୀ ସମୟରେ କର୍କଟ ରୋଗ ହେବାର



ଆଶଙ୍କା ସୃଷ୍ଟି କରୁଛି । ବିଶେଷ କରି ଯୁବକଙ୍କ କ୍ଷେତ୍ରରେ ଏହା କର୍କଟ ରୋଗ ହେବାର ବିପଦ ବଢ଼ାଉଛି । କ୍ଷତିକାରକ ବିକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ରୋଗର ଆଶଙ୍କା ରହିଛି । ଗୁଲେରିଆ କହିଛନ୍ତି ଯଦି କିଛି ସନ୍ଦେହ ରହୁଛି ତେବେ ପ୍ରଥମେ ଛାତିର ଏକ୍ସରେ କରିବା ଆବଶ୍ୟକ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସିତ ହେବା ଉଚିତ । ଯଦି ସିଟି ସ୍କାନ୍ ଦରକାର ପଡୁଥାଏ ତାହେଲେ ଡାକ୍ତର ଏ ନେଇ ପରାମର୍ଶ ଦେବେ ବୋଲି ଗୁଲେରିଆ କହିଛନ୍ତି । ସେହିଭଳି ସାମାନ୍ୟ ଲକ୍ଷଣ ଥିବା କରୋନା ରୋଗୀମାନେ ସିଆରପି, ଡି-ଡମର, ଏଲଡିଏଚ୍, ଫେରିଟିନ୍ ପରି ବାୟୋମେକର ବ୍ୟବହାରକୁ ମଧ ଗୁଲେରିଆ ମନା କରିଛନ୍ତି ।

# ଯୋଗ ସାଧନାର ସବଳ ଆଧାର: ଯମ-ନିୟମ

ଯୋଗ ହେଉଛି ସାଧକକୁ ଆଧାତ୍ମିକ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାଇବାର ମାର୍ଗ । ପଥର ଭିନ୍ନତାର ଆଧାରରେ ଯୋଗ ମଧ କେତେ ପ୍ରକାରର ଅଛି, ଯାହା ମଧ୍ୟରୁ ପାତଞ୍ଜଳ ଯୋଗ ଅର୍ଥାତ୍ ରାଜଯୋଗ ସମ୍ଭବତଃ ସବୁଠାରୁ ଅଧିକ ବୈଜ୍ଞାନିକ । ଏହା ମଧ ସର୍ବସାଧାରଣଙ୍କ ପାଇଁ ସହଜତାରେ ଅନୁକରଣୀୟ, ଉପଯୋଗୀ ଓ ଏକ ସୁବ୍ୟବସ୍ଥିତ ପଦ୍ଧତି । ଜୀବାତ୍ମାକୁ ନିଜର ମୂଳ ସ୍ୱରୂପରେ ସ୍ଥିତ ହେବା ଏବଂ ଋତମ୍ଭରା ପ୍ରଜ୍ଞା ବା ସମାଧିର ଅବସ୍ଥା ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଏଥିରେ ଅଷ୍ଟାଙ୍ଗ ଯୋଗର ପଥ ପ୍ରଦର୍ଶିତ, ଯେଉଁଥିରେ ଧାରଣା ଧାନ ମାଧମରେ ଏହାର ଉଚ୍ଚସ୍ତରୀୟ ଆୟାମଗୁଡ଼ିକୁ ଅନାବୃତ କରାଯାଏ । ଯମ ନିୟମ ଏହାର ପ୍ରାଥମିକ ସବଳ ଆଧାର ।

ଯମ ଅନ୍ତର୍ଗତ ସତ୍ୟ, ଅହିଂସା, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ ରହିଛି । ଏହା କ୍ରମଶଃ ସାଧକର ଜୀବନରେ ମିଥ୍ୟା, ହିଂସା, କ୍ରୋଧ, ଇନ୍ଦ୍ରିୟ ଅସଂଯମ, ବ୍ୟଭିଚାର ଓ ଲୋଭ ଅନାବଶ୍ୟକ ସଂଗ୍ରହ ଭଳି ଦୁଷ୍ପ୍ରବୃତ୍ତି ଗୁଡିକରୁ ବର୍ତ୍ତିବାର ସୂତ୍ର ଅଟେ, ଯାହା ବ୍ୟକ୍ତିଗତ ଜୀବନକୁ କଳୁଷିତ କରିଥାଏ ଏବଂ ପାରିବାରିକ ସାମାଜିକ ଜୀବନରେ ମଧ ଦୂଷିତ ବାତାବରଣର କାରଣ ହୋଇଥାଏ ।

ନିୟମ ଅନ୍ତର୍ଗତ ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ ରହିଛି, ଯାହା କ୍ରମଶଃ ବ୍ୟକ୍ତିଗତ ଜୀବନରେ ମଳିନତା, ଦେହାସକ୍ତି, ଅସନ୍ତୋଷ, ଶିଥିଳତା, ଜଡ଼ତା, ଆତ୍ମବିସ୍ମୃତି-ମୂଢ଼ତା ଓ ଈଶ୍ୱର ବିମୁଖତା ଭଳି ଦୋଷଗୁଡିକର ନିରାକରଣ କରି ବ୍ୟକ୍ତିକୁ ଯୋଗପଥ ନିମନ୍ତେ ପ୍ରସ୍ତୁତ କରିଥାଏ ।

ଯମ ନିୟମର କ୍ରମିକ ସାରଗର୍ଭିକ ବର୍ଣ୍ଣନ କିଛି ଏହିପରି ସତ୍ୟ- ଜୀବନକୁ ସମ୍ୟକ ରୂପେ ବୁଝିବାର ପ୍ରୟାସ ପୁରୁଷାର୍ଥ ଅଟେ । ଏହା ହେଉଛି ଦେଶ, କାଳ, ପରିସ୍ଥିତିରେ ନିହିତ ସତ୍ୟକୁ ବୁଝି ଏ ଉପରେ ଆରୂଢ଼ ହେବାର ନାମ । ସତ୍ୟ ବଚନ ଏହାର ଏକ ଅଂଶ, କିନ୍ତୁ ସତ୍ୟ ଏପରି ହେବା ଦରକାର ଯାହା ବ୍ୟାପକ ରୂପେ ହିତକାରୀ ହୋଇଥିବ, ବ୍ୟକ୍ତିଗତ ରାଗ-ଦ୍ୱେଷ ଓ ଦୁର୍ଭାବନା ଆଦି ଦ୍ୱାରା ପ୍ରେରିତ ହୋଇ ନ ଥିବ । ଏହା ହେଉଛି ସତ୍ୟପରାୟଣ ଜୀବନଯାପନର ନାମ ।

ଅହିଂସା- ତନୁ ମନରେ କାହାରିକୁ କଷ୍ଟ ଓ ପୀଡ଼ା ନ ଦେବା । ତା ସହିତ ଏହା ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖି ଏକ ସତ୍ୟ, ସୁସଂସ୍କୃତ ଓ ଶାଳୀନ ଜୀବନଯାପନର ନାମ ଅଟେ, କାରଣ କ୍ରୋଧର ଆବେଗ ପ୍ରକାରାନ୍ତରରେ ବ୍ୟକ୍ତିର ବିକ୍ଷୁବ୍ଧତା ଓ ଅଶାନ୍ତିର କାରଣ ହୋଇଥାଏ ଏବଂ ପାରସ୍ପରିକ ସମ୍ବନ୍ଧକୁ ଜଟିଳ କରିଦିଏ । ଏହା ଦ୍ୱାରା ଯୋଗ ନିମନ୍ତେ ଆବଶ୍ୟକ ମନୋଭୂମିର କ୍ଷରଣ ବି ହୋଇଥାଏ ।

ଅସ୍ତେୟ- ଏହାର ଅର୍ଥ ଚୋରି ନ କରିବା । ଯେକୌଣସି ରୂପେ ଚୌର୍ଯ୍ୟକର୍ମ ସର୍ବଦା ବ୍ୟକ୍ତିକୁ ନିଜର ନଜରରୁ ଖସାଇ ଦେଇଥାଏ ତଥା ଆତ୍ମ ସମ୍ମାନର ଭାବକୁ ନ୍ୟୁନ କରିଥାଏ । ଅସ୍ତେୟ, ବ୍ୟକ୍ତିର ପରିଶ୍ରମ ଓ ସଚ୍ଚୋଟତା ପୂର୍ଣ୍ଣ ଜୀବନର ନାମ, ଯାହା ବ୍ୟକ୍ତିତ୍ୱରେ ଗୌରବ ଭାବକୁ ଜାଗ୍ରତ କରିଥାଏ ତଥା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ଏବଂ ତା ସହିତ ମନର ଶାନ୍ତି ସ୍ଥିରତାକୁ ସୁନିଶ୍ଚିତ କରିଥାଏ । ଅସ୍ତେୟ ହେଉଛି ସଚେତନ ପୂର୍ବକ ନିଜର ବାସ୍ତବିକ ହକ ରଖିବାର ନାମ ।

ବ୍ରହ୍ମଚର୍ଯ୍ୟ- ଏହାର ଅଭିପ୍ରାୟ ହେଉଛି ଇନ୍ଦ୍ରିୟ ସଂଯମ ଓ ସଦାଚାର ପୂର୍ଣ୍ଣ ଜୀବନ । ଇନ୍ଦ୍ରିୟ ଅସଂଯମ ବ୍ୟକ୍ତିର ଶକ୍ତି କ୍ଷୟ କରିଥାଏ ଏବଂ ବ୍ୟକ୍ତିକୁ ତନୁ ମନକୁ ରୁଗଣ କରାଇ ତା'ର ଆଧାତ୍ମିକ ସମ୍ଭାବନାଗୁଡିକ ଉପରେ ତୁଷାରପାତ କରିଥାଏ । ଅନ୍ୟ ପକ୍ଷରେ ବ୍ୟଭିଚାର ପାରିବାରିକ- ସାମାଜିକ ଜୀବନରେ କଳହ କ୍ଲେଶ ଓ ପତନର ବୀଜ ବୁଣି ଯାବତୀୟ ପ୍ରକାର ବିସଙ୍ଗତିକୁ ଜନ୍ମ ଦେଇଥାଏ । ବ୍ରହ୍ମଚର୍ଯ୍ୟର ଅନୁଶାସନ ଏହି ସଂକଟରୁ ମୁକ୍ତ କରିଥାଏ ଓ ଅଧାତ୍ମ ପଥର ପାତ୍ରତା ଦେଇଥାଏ ।

ଅପରିଗ୍ରହ- ଧନ ଓ ବସ୍ତୁଗୁଡିକର ଅନାବଶ୍ୟକ ସଂଗ୍ରହର ଅଭାବ ଅଟେ । ଲୋଭବଶତଃ ବ୍ୟକ୍ତି ଯାବତୀୟ ପ୍ରକାର ଜିନିଷକୁ ଏକତ୍ର କରିଥାଏ । କ୍ରମଶଃ ଏହାର ବୋଝ ବଢ଼ିଯାଏ ଏବଂ ଜୀବନ ଭାରଭୂତ ହୋଇଯାଏ । କେବଳ ଧନ ଓ ବସ୍ତୁଗୁଡିକ ନୁହେଁ, ବିଚାର ଓ ସୂଚନାଗୁଡିକର ଅନାବଶ୍ୟକ ସଂଗ୍ରହ ମଧ ଜୀବନରେ ଘୋର ଅଶାନ୍ତିର କାରଣ ହୋଇଥାଏ । ଅପରିଗ୍ରହ ଏହି ବିଡ଼ମ୍ବନା ଠାରୁ ରକ୍ଷା କରିଥାଏ ଏବଂ ସାଦା ସରଳତା ପୂର୍ଣ୍ଣ ଜୀବନର ମାର୍ଗ ପ୍ରଶସ୍ତ କରି ସାଧକକୁ ଯୋଗ ପଥରେ ଆରୂଢ଼ କରିଥାଏ ।

ଶୌଚ- ତନୁ ଓ ମନର ଶୁଦ୍ଧିର ନାମ । ଯେ ପର୍ଯ୍ୟନ୍ତ ଏ ଦୁଇଟିରେ ମଇଳା ଜମା ହୋଇ ରହିଥାଏ, ଅଧାତ୍ମ ପଥର ପାତ୍ରତା ବିକଶିତ ହୋଇପାରେ ନାହିଁ । ସ୍ୱଚ୍ଛତା ସହିତ ଦେହର ଆନ୍ତରିକ ବାହ୍ୟ ମଇଳାର ଶୁଦ୍ଧି ଦ୍ୱାରା ସୁସ୍ଥ ଓ ନୀରୋଗ ଜୀବନର ମୂଳଦୁଆ ପଡିଥାଏ, ତା ସହିତ ଦେହ ପ୍ରତି ଅନାସକ୍ତିର ଭାବ ମଧ ବିକଶିତ ହୋଇଥାଏ, ଯାହା ସାଧକର ଚେତନାକୁ ଅନ୍ତର୍ମୁଖୀ କରିଥାଏ । ଶୌଚର ଅନୁସରଣ ମନର ମଇଳାକୁ ବି ଶୁଦ୍ଧ କରିଥାଏ ।

ସନ୍ତୋଷ- ବ୍ୟକ୍ତିର ନିଜର ପୁରୁଷାର୍ଥ ଆଧାରରେ ପ୍ରାପ୍ତ ବା ପ୍ରାରବ୍ଧବଶତଃ ଈଶ୍ୱର ପ୍ରଦତ୍ତ ପରିସ୍ଥିତି ବା ସାଧନଗୁଡିକ ସହିତ ପ୍ରସନ୍ନ ରହିବାର ନାମ ଅଟେ । ଅନ୍ୟଥା ବ୍ୟକ୍ତିର ତୃଷ୍ଣାର କୌଣସି ଅନ୍ତ ନାହିଁ, ଯାହା ତାକୁ ସର୍ବଦା ଅଶାନ୍ତିର ଅଗ୍ନିରେ ଜଳାଇ ରଖିଥାଏ । ସନ୍ତୋଷର ଅର୍ଥ ଆଳସ୍ୟ ପ୍ରମାଦର ଜୀବନଯାପନ କରିବା ମଧ ନୁହେଁ । ଏହା ହେଉଛି ନିଜ ପୁରୁଷାର୍ଥର ଚରମ ପରେ ଧାରଣ କରାଯାଇଥିବା ଆତ୍ମସନ୍ତୁଷ୍ଟି ଓ ପ୍ରସନ୍ନତାର ଭାବ ।

ତପ- ନିଜର ଇଷ୍ଟଙ୍କ ନିମିତ୍ତ ସହଁ କଷ୍ଟ ସହିଷ୍ଣୁତାର ନାମ । ତପ ଦ୍ୱାରା ଉଷ୍ମତା ଉତ୍ପନ୍ନ ହୋଇଥାଏ, ତନୁ ମନର ପାପ- ତପ ବିଗଳିତ ହୋଇଥାଏ, ଚିତ୍ତରେ ତେରମାଡି ବସିଥିବା ଦୁଷ୍ପ୍ରବୃତ୍ତି ଗୁଡିକର ଶୋଧନ ହୋଇଥାଏ । ପ୍ରତ୍ୟେକ ପରିସ୍ଥିତିରେ ନିଜ କର୍ତ୍ତବ୍ୟ କର୍ମଗୁଡିକର ପାଳନ ମଧ ତପର ଅନ୍ତର୍ଗତ । ତପ ବ୍ୟକ୍ତିର ଚେତନାକୁ ଶୁଦ୍ଧ କରିଥାଏ ଏବଂ ତା'ର ପ୍ରସୁପ୍ତ ଶକ୍ତିଗୁଡିକର ଜାଗରଣ ବି କରିଥାଏ । ସ୍ୱାଧ୍ୟାୟ - ସଦଗ୍ରନ୍ଥ ଗୁଡିକର ପ୍ରକାଶରେ ସ୍ୱୟଂର ଅଧ୍ୟୟନ କରିବା । ସ୍ୱାଧ୍ୟାୟ ସହିତ ଜୀବନଲକ୍ଷ୍ୟ ସ୍ପଷ୍ଟ ହୋଇଥାଏ, ଏହାର ମାର୍ଗର ଅବରୋଧ ଓ ସହାୟକ ତତ୍ତ୍ୱଗୁଡିକର ବୋଧ ହୋଇଥାଏ ଏବଂ ଆଧାତ୍ମିକ ଲକ୍ଷ୍ୟ ଦିଗରେ ବଢ଼ିବାର ମାର୍ଗଦର୍ଶନ ମିଳିଥାଏ । ନିତ୍ୟ କରାଯାଉଥିବା ସ୍ୱାଧ୍ୟାୟର ଅଭ୍ୟାସ ବ୍ୟକ୍ତିତ୍ୱକୁ ସତତ ଆତ୍ମସମୀକ୍ଷାର ଭାବଭୂମିରେ ସ୍ଥିର କରିଥାଏ ଏବଂ ଯୋଗ ପଥର ପରବର୍ତ୍ତୀ ଚରଣ ସ୍ୱତଃ ଅନୁସରିତ ହୋଇଥାଏ ।

ଈଶ୍ୱର ପ୍ରଣିଧାନ- ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି ଓ ସମର୍ପଣର ଭାବନାକୁ କୁହାଯାଏ । ସ୍ୱାଧ୍ୟାୟ ସତସଙ୍ଗ ଇଷ୍ଟଙ୍କ ପ୍ରତି ଶ୍ରଦ୍ଧା, ଆସ୍ଥା ଓ ଅନୁରାଗ ଉତ୍ପନ୍ନ କରିଥାଏ, ନିଜର ବିଚାର ଓ କର୍ମଗୁଡିକୁ ନିବେଦନ ଏବଂ ଅର୍ପଣ କରିଥାଏ । ପାତଞ୍ଜଳ ଯୋଗ ସୂତ୍ର ଅନୁସାରେ ନିଜର ପରିପକ୍ୱ ଅବସ୍ଥାରେ ଈଶ୍ୱର ପ୍ରଣିଧାନ ସାଧକକୁ ସମାଧି ଅବସ୍ଥା ପର୍ଯ୍ୟନ୍ତ ପହଞ୍ଚାଇବାରେ ସମର୍ଥ ହୋଇଥାଏ । ସତତ ଈଶ୍ୱର ପ୍ରଣିଧାନ ହେଉଛି ସାଧକର ସ୍ମରଣ, ସମର୍ପଣ ଓ ପ୍ରାର୍ଥନାମୟ ଅବସ୍ଥାର ନାମ ।

ଏହିପରି ଯମ ନିୟମ ସେହି ସୁଦୃଢ଼ ମୂଳଦୁଆ, ଯାହା ଉପରେ ରାଜଯୋଗର ମହାପ୍ରାସାଦ ଦଣ୍ଡାୟମାନ ହୋଇଥାଏ । ମୂଳଦୁଆ ଯେତେ ମଜଭୁତ ହେବ, ଭବନ ସେତେ ମଜଭୁତ ହେବ । ଯମ ନିୟମକୁ ସାଧିବା ବିନା ଧାରଣ ଧାନର ପ୍ରୟୋଗ ସମୟ ନଷ୍ଟ କରୁଥିବା ଭାବହୀନ କର୍ମକାଣ୍ଡ ମାତ୍ର ହୋଇ ରହିଯାଏ ତଥା ଯମ ନିୟମ ସାଧି ହେବା ମାତ୍ରେ ଧାନ ଧାରଣ ଜୀବନର ଅଙ୍ଗ ହୋଇଯାଏ ଏବଂ ସାଧକ ଆଧାତ୍ମିକ ବିକାଶର ପଥରେ ଆଗକୁ ବଢ଼ିପାରେ ।

## ଟିକିଏ ହସନ୍ତୁ

ରାଜେଶବାବୁ ତାଙ୍କ କାର୍ ଧୋଉଥାଆନ୍ତି । ଏତିକିବେଳେ ପଡୋଶୀ ଘର ମୋହନ ବାବୁ: କ'ଣ ଗାଡି ଧୋଉଛନ୍ତି ?

ରାଜେଶବାବୁ : ନାଇଁ, କାର୍‌କୁ ପାଣି ଦେଉଛି । କାଲେ ଆଗକୁ ଯାଇ ବଡ଼ ହେଇ ବସ୍ ହୋଇଯିବ ।

× × × ×

ଦୁଇଟି ଅସରପା ହସ୍‌ପିଟାଲରେ ଆଡମିଟ୍ ହୋଇଥାଆନ୍ତି ।

ପ୍ରଥମ ଅସରପା ଦ୍ୱିତୀୟକୁ: ତମକୁ କିଏ ମାରିଲା କି ?

ଦ୍ୱିତୀୟ ଅସରପା: ଆରେ ନା ଝିଅଟିଏ ମତେ ଦେଖି ଏମିତି ଚିଲ୍ଲେଇଲା ଯେ, ମୋର ହାର୍ଟ ଆଟାକ୍ ହୋଇଗଲା ।

× × ×

ଯାଦୁଗର: ମୁଁ ତୁମ ସ୍ତ୍ରୀକୁ ଦୁଇ ଭାଗ କରି ଦେବି ।

ପପୁ (ରାଗିକି): କ'ଣ କରୁଛ ଭାଇ ? ଗୋଟିଏ ତ ସମ୍ଭାଳି ହେଉନି । ଆଉ ତୁମେ ଦୁଇଟା କରିବାକୁ ବସିଛ ।

× × × ×



ସାଣ୍ଟା: ମତେ ବାହାଘରେ ବିଏମଡବ୍ଲ୍ୟୁ ମିଳିଛି ।

ବାଣ୍ଟା: ଆରେ ବା । । କିନ୍ତୁ ତୋ ପାଖରେ ତ କିଛି ଗାଡି ନାହିଁ ।

ସାଣ୍ଟା: ଆରେ ବିଏମଡବ୍ଲ୍ୟୁ । ବହୁତ ମୋଟି ୱାଇଫ୍ ।

× × × × × × ×

ପିଙ୍କି: ମୁଁ ଫେଲ୍ ହେବାକୁ ଚାହୁଁଛି ।

ମ୍ୟାଡାମ୍: କ'ଣ ପାଇଁ ?

ପିଙ୍କି: ବାପା କହିଛନ୍ତି ଯଦି ମୁଁ ଫାଷ୍ଟ ହେଲି ସାଇନ୍ସ, ସେକେଣ୍ଡ ହେଲି ଆର୍ଟସ୍ । ଆଉ ଫେଲ ହେଲେ ବାହାଘର କରାଇ ଦେବେ ।

× × × × × ×

ପୁଲିସ୍: ମ୍ୟାଡାମ, ଆପଣ ବହୁତ ବହାଦୂର । ଏକୁଟିଆ ତାକୁକୁ ମାଡ଼ ମାରିଲେ ।

ମହିଳା: ମୁଁ କେମିତି ଜାଣିବି ସେ ବିଚରା ଡାକୁ ଥିଲା । ମୁଁ ତ ମୋ ସ୍ୱାମୀ ଭାବି ତାକୁ ପିଟିଥିଲି ।

## ଧନିଆ ପତ୍ରର ଉପଯୋଗିତା

ଉତ୍ତର ଭାରତୀୟ ବ୍ୟଞ୍ଜନରେ ଧନିଆ ପତ୍ରର ବ୍ୟବହାର ଅଧିକ ହୁଏ । ଏହାର ବାସ୍ନା ଖାଦ୍ୟର ସ୍ୱାଦ ବଢ଼ାଇଥାଏ । ପ୍ରୋଟିନ୍, ଫାଇବର, ମିନେରାଲ୍ସ, କ୍ୟାଲସିୟମ, ଫସ୍‌ଫରସ୍ ଯୁକ୍ତ ସବୁଜ ଧନିଆ ପତ୍ର ଅଳ୍ପ ପରିମାଣରେ ନିୟମିତ ବ୍ୟଞ୍ଜନରେ ବ୍ୟବହାର କରିବା ଉଚିତ ।



ଖାଦ୍ୟ ବିଶେଷଜ୍ଞଙ୍କ ମତରେ ମଧୁମେହ ରୋଗୀଙ୍କ ନିମନ୍ତେ ଏହା ଅବ୍ୟର୍ଥ ଔଷଧ ଭଳି କାମ କରେ । ସପ୍ତାହରେ ୨-୩ ଥର ଚଟଣି ଭାବେ ନଚେତ୍ ସାଲାଡରେ ଧନିଆ ପତ୍ର ମିଶାଇ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ । ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରିବାରେ ଧନିଆର ପୋଷକତତ୍ତ୍ୱ ବେଶ୍ କାମ କରେ ।

ଧନିଆ ପତ୍ର ମିଶା ବ୍ୟଞ୍ଜନ ଖାଇଲେ ପେଟ ରୋଗ ଦୂର ହେବା ସହ ହଜମ ଶକ୍ତି ମଧ ବଢୁଥିବାର ଜଣାପଡିଛି । ରାଜସ୍ଥାନୀ ପରମ୍ପରା ଅନୁସାରେ, ଭୋଜନ ପରେ ୧ ଚାମଚ ଧନିଆ ପତ୍ର ଖାଇଲେ ତାହା ମୁଖବାସ ଭଳି କାମ କରିବା ସହ ହଜମ ମଧ ଭଲରେ ହୁଏ ।

ଭିଟାମିନ୍ ଏ ପୋଷକତତ୍ତ୍ୱ ଭରପୁର ଧନିଆ ପତ୍ର ଖାଇଲେ ଆଖିରେ ଜ୍ୟୋତି ମଧ ବୃଦ୍ଧି ପାଏ । ପ୍ରତିଦିନ ଏହାର ରସ ନଚେତ୍ ଚଟଣି ଖାଇବା ଆଖି ପାଇଁ ଭଲ ।

## ସ୍ୱାସ୍ଥ୍ୟ ପାଇଁ ଆଖୁ

ଶରୀରର ଯେକୌଣସି ସମସ୍ୟା ହୋଇଥାଉ ନା କାହିଁକି, ପ୍ରତିଦିନ ଯଦି ଆଖୁ ଖାଇବେ, ତେବେ ଶରୀର ସୁସ୍ଥ ରହିବା ସହିତ ଅନେକ ରୋଗରୁ ମୁକ୍ତି ମଧ ପାଇବେ । ଗଳଗଣ୍ଡ ହୋଇଥିଲେ ଆଖୁରସରେ ହରିଦ୍ରା ଚୂର୍ଣ୍ଣକୁ ମିଶାଇ ପିଇଲେ ଗଳଗଣ୍ଡରୁ ମୁକ୍ତି ମିଳିଥାଏ । କେବଳ ସେତିକି ନୁହେଁ, ସ୍ତନ ବୃଦ୍ଧି କରିବାକୁ ଚାହୁଁଥିବା ମହିଳାମାନେ ଆଖୁ ଚେରକୁ ବାଟି କାଞ୍ଜିରେ ମିଶାଇ ପିଇଲେ ସ୍ତନ ବୃଦ୍ଧି ହୋଇଥାଏ । ନାକରୁ ରକ୍ତ ପଡିଲେ ଆଖୁ ରସକୁ କପଡ଼ାରେ ଛାଣି ନସ୍ୟ ନେଲେ ନାକରୁ ରକ୍ତ ପଡିବା ବନ୍ଦ ହୁଏ ।



ଶ୍ରୀକ୍ଷେତ୍ର
ବର୍ଷ ୨୫, ସଂଖ୍ୟା-୧୯, ୭ - ୧୨ ଜୁନ୍ ୨୦୨୧

## ନବୀନଙ୍କ ପଞ୍ଚମ ପାଳିର ଦ୍ୱିତୀୟ ବର୍ଷ

ଭୋଟ ଉଣେଶଇରେ ବିପୁଳ ସମର୍ଥନ ପାଇଁ ନବୀନ କ୍ରମାଗତ ପଞ୍ଚମ ପାଳି ରାଜ୍ୟ ଶାସନର ଡୋରି ଧରିଥିଲେ । ନବୀନଙ୍କ ଏ ପଞ୍ଚମ ପାଳି ବେଶ୍ ଉଠାଣି ଥିଲା । ସରକାର ଚାଲିଛନ୍ତି କମ୍, ଝୁଣ୍ଟିଛନ୍ତି ବେଶି । 'ଫୋନି'ର ପ୍ରଳୟ ମଧ୍ୟରେ କ୍ଷମତାର ମଙ୍ଗ ଧରିଥିଲେ ନବୀନ । ରିଲିଫ୍, ପୁନରୁଦ୍ଧାର ଓ ଥଇଥାନରୁ ଆରମ୍ଭ ହେଲା ନୂଆ ସରକାରର 'ଶ୍ରୀ ଗଣେଶ' । ଦହଗଞ୍ଜ ହୋଇ ଛାରଖାର ଉପକୂଳ ଓଡ଼ିଶାକୁ ନୂଆ ସରକାର ଟ୍ରାକକୁ ଆଣିଲା । ନୂଆ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ବିକାଶର ନୂଆ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଲା । ଫୁଲଦମ୍‌ରେ ସରକାର ଆଗକୁ ମାଡ଼ିଲା ବେଳକୁ ପୁଣି ବାଟ ଓଗାଳିଲା 'ବୁଲବୁଲ୍' । ନୂଆବର୍ଷରୁ ନୂଆ ଜୋସରେ ସରକାର ସୁନାର ଓଡ଼ିଶା ଗଢ଼ିବାକୁ ଅଣ୍ଟା ଭିଡ଼ିଲେ । ବିକାଶର ରଥ ଆଗକୁ ଗଡ଼ିବା ପାଇଁ ପ୍ରସ୍ତୁତିପର୍ବ ସରିବା ବେଳକୁ ସମଗ୍ର ମାନବଜାତି 'କରୋନା' ଚକ୍ରବ୍ୟୂହରେ ଫସିଲା । ଓଡ଼ିଶା ବି ବାଦ୍ ପଡ଼ିବ କେମିତି ? କରୋନା ଲଢ଼େଇକୁ ସରକାର ଜୋରଦାର କଲେ । ମେ ମାସ ପୁଣି ଡରାଇଲା । ମହାବାତ୍ୟା 'ଅମ୍ପନ୍' କ୍ଷତ ବି ଭରିଲା । ଏହାପରେ ଆସିଲା କରୋନାର ଦ୍ୱିତୀୟ ଲହର । ଆଉ ବୋଝ ଉପରେ ନଳିତା ବିଡ଼ା ଭଳି ଏବେ ମହାବାତ୍ୟା 'ୟାସ୍' । ସରକାରଙ୍କ ଏ ଦୁଇ ବର୍ଷ ସମୟରୁ ସିଂହଭାଗ ଗଲାଣି କେବଳ ବିପର୍ଯ୍ୟୟ ଓ କରୋନା ମୁକାବିଲାରେ । ଏହାସତ୍ତ୍ୱେ ରାଜ୍ୟର ସାମଗ୍ରୀକ ବିକାଶକୁ ଫୋକସ୍ କରି ସରକାର ଆଗକୁ ବାଟ ଚାଲୁଛି । ସରକାର ଦେଖିଥିବା ସ୍ୱପ୍ନ ଏବଂ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା କାଠିକର ପାଠ ହୋଇପଡ଼ିଛି । କରୋନା ବିରୋଧରେ କ୍ରମାଗତ ଲଢ଼େଇ ନବୀନ ସରକାରଙ୍କ ବିକାଶ ଏଜେଣ୍ଡାର ବାଟ ଓଗାଳିଛି । ରାଜକୋଷ ଉପରେ ଏବେ ପାଣ୍ଠି ଅଭାବର ଚାପ । କରୋନା ମୁକାବିଲାରେ ସମ୍ବଳ ଶୁଖିବାକୁ ବସିଛି । ଲକଡାଉନ୍ ଓ ସଟଡାଉନରୁ ବିକାଶମୂଳକ ପ୍ରକଳ୍ପ ମଠେଇ ମଠେଇ ଚାଲିଛି । ବହୁ ପ୍ରକଳ୍ପର ଭାଗ୍ୟକୁ ଗ୍ରହଣ ମଧ୍ୟ ଲାଗିଛି । କରୋନାର କୋପ ଏଯାଏ ସରିନି । ଏମିତିରେ ଆଗକୁ ମଧ୍ୟ ସରକାର ଏ ଅଦୃଶ୍ୟ ଶତ୍ରୁ ସହ ଲଢ଼େଇ ଜାରି ରଖିବେ । ବାଟବଣା ହୋଇଯିବ ବିକାଶ । ପାଣ୍ଠି, ମାନବସମ୍ବଳ ଓ ସମୟର ଅଭାବ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ଛିଡ଼ା କରାଇବ । ୪ ପାଳି ଠାରୁ ୫ମ ପାଳି ଥିଲା ଭିନ୍ନ । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ଦିନଠାରୁ ନବୀନ ଓ ତାଙ୍କ ସହଯୋଗୀମାନେ ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲେ । ଅଭିନବ ଯୋଜନା ସାଙ୍ଗକୁ ପ୍ରଶାସନକୁ ଦକ୍ଷ ଓ କ୍ରିୟାଶୀଳ କରିବାକୁ ଗୋଟିଏ ପରେ ଗୋଟିଏ ନୂଆ ନିଷ୍ପତ୍ତି ନେଲେ ସରକାର । '୫ ଟି'ରେ ରାଜ୍ୟ ଗତିଶୀଳ ପ୍ରଶାସନିକ ମଡେଲ ପାଇଛି । 'ମୋ ସରକାର'ରେ ସାଧାରଣ ଲୋକଙ୍କ ନିକଟରେ ପ୍ରଶାସନ ଉତ୍ତରଦାୟୀ ହୋଇଛି । ନବୀନଙ୍କ ସ୍ୱଚ୍ଛ ଖଣ୍ଡାରେ ଦୁର୍ନୀତିଗ୍ରସ୍ତ କର୍ମଚାରୀ ବିଦା ହୋଇଛନ୍ତି । ଶ୍ରୀକ୍ଷେତ୍ରକୁ ବିଶ୍ୱ ଐତିହ୍ୟନଗରୀ କରିବା ସହ ଏକାମ୍ରକ୍ଷେତ୍ରକୁ ନୂଆ ରୂପ ଦେବାର 'ଶ୍ରୀଗଣେଶ' ଆରମ୍ଭ ହୋଇଛି । ବିକାଶଶୀଳ ଦେଶ ଭଳି ରାଜ୍ୟରେ ଘରେ ମିଳୁଛି ଜୀବାଣୁଶୂନ୍ୟ ପାଇପ୍ ପାଣି । ହାତପାଆନ୍ତାରେ ଅନଲାଇନରେ ସରକାରୀ ସେବା ଉପଲବ୍ଧ । କଟକ ବଡ଼ ମେଡିକାଲକୁ 'ଏମ୍ସ ପ୍ଲସ୍'ଭାବେ ଗଢିବାକୁ କାମ ଆଗେଇଛି । ସରପଞ୍ଚଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ, ବିଧାୟକ ଓ ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କ ଯାଏ ସମସ୍ତେ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବେ । ତଳିଆ ସରକାରୀ କର୍ମଚାରୀଙ୍କଠୁ ଆରମ୍ଭ କରି ମୁଖ୍ୟ ସଚିବ ଯାଏ ମଧ୍ୟ ସମସ୍ତେ ସମ୍ପତ୍ତି ତାଲିକା ଦେବେ । ମେଡିକାଲ ଓ ଇଂଜିନିୟରିଂ ପାଠ ପଢ଼ିବାକୁ ସରକାରୀ ସ୍କୁଲର ପିଲାଙ୍କୁ ମିଳିବ ସଂରକ୍ଷଣ । ଏଭଳି ଐତିହାସିକ ନିଷ୍ପତ୍ତି ସରକାର ନେଇଛନ୍ତି । ରାଜ୍ୟରେ ପଛୁଆବର୍ଗର ଗଣନା କାମ କରୋନା ଯୋଗୁଁ ଅଟକିଛି । ମହାମାରୀ 'କରୋନା' ଚକ୍ରବ୍ୟୂହ ଭିତରେ ମଧ୍ୟ ସରକାର ଫସିଛି । ମାତ୍ର କରୋନା ଟେଷ୍ଟିଂ, ଟ୍ରେସିଂ ଓ ଚିକିତ୍ସା ସେବାରେ ଓଡ଼ିଶା ମଡେଲ ପାଲଟିଛି । ମୃତ୍ୟୁହାର କମ୍ ଥିଲା ବେଳେ ଟିକାକରଣରେ ରାଜ୍ୟ ଆଗରେ । ଯୁବବର୍ଗଙ୍କୁ ମାଗଣା ଟିକାକରଣ କରିବାକୁ ସରକାର ଗ୍ଲୋବାଲ ଟେଣ୍ଡର ମଧ୍ୟ ଡାକିଛନ୍ତି । କେବଳ ଓଡ଼ିଶା ନୁହେଁ ରାଷ୍ଟ୍ରୀୟ ଭାବନା ରଖି ବହୁ ରାଜ୍ୟର କରୋନା ରୋଗୀଙ୍କ ଜୀବନ ରକ୍ଷା ପାଇଁ ନିରବଚ୍ଛିନ୍ନ ଅକ୍ସିଜେନ୍ ଯୋଗାଣ ଚାଲୁ ରଖି ନବୀନ ଉଦାହରଣ ପାଲଟିଛନ୍ତି । 'ଲାନସେଟ୍' ପତ୍ରିକାରେ ଓଡ଼ିଶାର ଭୂରି ଭୂରି ପ୍ରଶଂସା । ମୁଖିଆ ଭାବେ ନବୀନଙ୍କ ଭାବମୂର୍ତ୍ତି ଆହୁରି ଉଜ୍ଜଳ ଧରିଛି । ଏ ପାଳିରେ ନମ୍ର ଓ ନିରଳସ ନବୀନ ବିଧାୟକମାନଙ୍କୁ ନମ୍ରତାର ମନ୍ତ୍ର ପଢ଼ାଇଛନ୍ତି । ନମ୍ର ଓ ସରଳ ହେବା ସହ ଦଳୀୟ ବାଛ ବିଚାରରୁ ଉର୍ଦ୍ଧ୍ୱକୁ ଯାଇ ଲୋକଙ୍କ ପାଇଁ କାମ କରିବାକୁ ଆହ୍ୱାନ ଦେଇଛନ୍ତି । ମନ୍ତ୍ରୀମାନେ କେତେ ନିଷ୍ଠା ଓ ଦକ୍ଷତାର ସହ ନିଜ କାମ ତୁଲାଉଛନ୍ତି ସେ ସଂପର୍କରେ ମୁଖ୍ୟମନ୍ତ୍ରୀ ରିପୋର୍ଟ କାର୍ଡ ମାଗୁଛନ୍ତି । ଅଭାବ ଓ ଅସୁବିଧା ସତ୍ତ୍ୱେ ନବୀନଙ୍କ ଆତ୍ମବିଶ୍ୱାସଭରା ମିଜାଜ୍ କିନ୍ତୁ ଫିକା ପଡ଼ିନି । ଚାଲେଞ୍ଜରୁ ସେ ସୁଯୋଗ ସାଉଁଟୁଛନ୍ତି । ବିପର୍ଯ୍ୟୟର ମୁକାବିଲାର ରୋଲ ମଡେଲ ଏବେ କରୋନା କାଳରେ 'ସଂକଟମୋଚକ' ଭାବେ ଉଭା ହୋଇଛନ୍ତି । ସମଗ୍ର ବିଶ୍ୱ ଦରବାରରେ ଓଡ଼ିଶାର ଏବେ ନୂଆ ପରିଚୟ । ଏ ଦୁଇ ବର୍ଷ ମଧ୍ୟରେ ବହୁ ଘାତ ପ୍ରତିଘାତ ଆସିଛି । ଉଠା ଓ ବଙ୍କା ରାସ୍ତାରେ ସରକାରକୁ ବାଟ ଚାଲିବାକୁ ପଡ଼ିଛି । ସରକାରଙ୍କ ହାତରେ ଆଉ ବାକି ଅଛି ୩ ବର୍ଷ । ଏ ୩ ବର୍ଷରେ ପ୍ରତିଶ୍ରୁତିକୁ କେମିତି ଗ୍ୟାରେଣ୍ଟିରେ ପରିଣତ କରିବେ ତାହା ସରକାରଙ୍କ ପାଇଁ ଏବେ ପ୍ରଚଣ୍ଡ ଆହ୍ୱାନ ।



## ଶ୍ରମ ପ୍ରତି ସମ୍ମାନ

### ମହାତ୍ମା ଗାନ୍ଧୀ

ମୋ'ର ମତ ଯେ, ଆମେ ନିଜ ପାଇଁ ଓ ଆମ ପିଲାମାନଙ୍କ ପାଇଁ ଅନ୍ନର ଯୋଗାଡ଼ କରିବା ନିମନ୍ତେ ଆମେ କରୁଥିବା ଶ୍ରମ ଲାଗି ଆମ ସମୟର ସର୍ବାଧିକ ଅଂଶ ବ୍ୟୟିତ ହୋଇଥିବାରୁ, ଆମ ପିଲାମାନେ ସେମାନଙ୍କର ଶିଶୁକାଳରୁ ହିଁ ଏହି ଶ୍ରମପ୍ରତି ଏକ ସମ୍ମାନବୋଧ ବିଷୟରେ ଶିକ୍ଷା ଲାଭ କରିବେ । ଶ୍ରମକୁ ଘୃଣା କରି ଶିଖିବା ଲାଗି ଆମ ପିଲାମାନଙ୍କୁ କୌଣସି ଶିକ୍ଷା ଦିଆ ଯିବ ନାହିଁ । ଜଣେ ଚାଷୀର ପୁଅ ସ୍କୁଲକୁ ଯିବାପରେ କୃଷିକ୍ଷେତ୍ରରେ କାର୍ଯ୍ୟ କରିବାକୁ କାହିଁକି ଅଯୋଗ୍ୟ ହୋଇଯିବ, ତାହାର କୌଣସି କାରଣ ନାହିଁ । ବର୍ତ୍ତମାନ ତ ସିଏ ତାହାହିଁ ହୋଇଯାଉଛି ।

ଆଗ ହାତ ଶିକ୍ଷିତ ହେବ, ତା'ପରେ ଯାଇ ଆକ୍ଷରିକ ଶିକ୍ଷା ଦିଆଯିବ । ଏହି ହାତର ଶିକ୍ଷା ହିଁ ମନୁଷ୍ୟକୁ ଇତର ପଶୁମାନଙ୍କ ଠାରୁ ଏପରି ଭିନ୍ନ କରି ପାରିଛି । ପଢ଼ିବା ଓ ଲେଖିବା କଳାଗୁଡିକ ବିଷୟରେ କୌଣସି ଜ୍ଞାନ ନଥିଲେ ମନୁଷ୍ୟର ପୂର୍ଣ୍ଣତମ ବିକାଶ ସମ୍ଭବ ନୁହେଁ ବୋଲି ଭାବିବାକୁ ଗୋଟିଏ ଅନ୍ଧବିଶ୍ୱାସ ବୋଲି କୁହାଯିବ । ଏଥିରେ କୌଣସି ସନ୍ଦେହ ନାହିଁ । ଯେ ସେହି ଜ୍ଞାନ ଜୀବନକୁ ଅଧିକ ସୁନ୍ଦର କରିବାରେ ସାହାଯ୍ୟ କରିଥାଏ, ମାତ୍ର ମନୁଷ୍ୟର ନୈତିକ ଦୈହିକ ବା ଭୌତିକ ଅଭିବୃଦ୍ଧି ନିମନ୍ତେ ସେଗୁଡିକୁ କଦାପି ଅପରିହାର୍ଯ୍ୟ ବୋଲି କୁହାଯାଇ ପାରିବ ନାହିଁ ।

ମୋ'ର ମତ ଯେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଅର୍ଥାତ୍ ହାତ, ଗୋଡ଼, ଆଖି, କାନ ଓ ନାକ ପ୍ରଭୃତିର ଯଥାର୍ଥ ଚାଳନ ଏବଂ ତାଲିମ ମାଧ୍ୟମରେ ହିଁ ବୁଦ୍ଧିର ଯଥାର୍ଥ ଶିକ୍ଷା ସମ୍ଭବ ହେବ । ଅନ୍ୟ ଭାଷାରେ କହିଲେ ଗୋଟିଏ ଶିଶୁର ଜୀବନରେ ତା'ର ଶାରୀରିକ ଅଙ୍ଗଗୁଡିକୁ ବୁଦ୍ଧିଯୁକ୍ତ ଭାବରେ ବ୍ୟବହାର କରିବା ସମ୍ଭବ ହେଉଥିଲେ ହିଁ ସେ ସର୍ବୋତ୍ତମ ତଥା କ୍ଷିପ୍ରତମ ଭାବରେ ନିଜ ବୁଦ୍ଧିର ବିକାଶ କରିବା ଲାଗି ମଧ ସମର୍ଥ ହେବ । ଯଦି ମନ ଏବଂ ଶରୀରର ବିକାଶ ଯୁଗପତ୍ ଭାବରେ ହେଉ ନଥାଏ ଏବଂ ତା ସହିତ ତାଳ ରଖି ଯଦି ଆତ୍ମାର ଜାଗୃତି ଘଟୁନ ଥାଏ, ତେବେ ପ୍ରଥମଟିର ବିକାଶ କେବଳ ଏକ ଦୁର୍ବଳ ଏବଂ ଏକପାଖିଆ ବିଷୟ ହୋଇ ରହିଯିବ । ଆଧାତ୍ମିକ ତାଲିମ କହିଲେ ମୁଁ ହୃଦୟର ଶିକ୍ଷାକୁ ବୁଝୁଛି । ତେଣୁ ଶିଶୁର ଶାରୀରିକ ଏବଂ ଆଧାତ୍ମିକ ସାମର୍ଥ୍ୟଗୁଡିକର ବିକାଶ ଶିକ୍ଷାଲାଭ ସହିତ ସମରୂପ ଭାବରେ ସମ୍ଭବ ହେଲେ ଯାଇ ମନଃସ୍ତରରେ ମଧ ଏକ ଯଥୋଚିତ ଓ ସମଗ୍ର ବିକାଶ ସମ୍ଭବ ହେବ । ସମସ୍ତେ ଏକତ୍ର ଏକ ଅବିଭାଜୀ ସମଗ୍ରକୁ ଗଠନ କରି ରହିଛନ୍ତି । ତେଣୁ ଏହି ସିଦ୍ଧାନ୍ତଟି ଅନୁସାରେ ସେଗୁଡିକୁ ପରସ୍ପର ଠାରୁ ସ୍ୱାଧୀନ ଭାବରେ ବା ଅଲଗା ଅଲଗା କରି ବିକଶିତ କରାଯାଇ ପାରିବ ବୋଲି ମନେ କରିବାକୁ ହିଁ ଏକ ସାଂଘାତିକ ପ୍ରମାଦ ବୋଲି କୁହାଯିବ ।

## ଆଡ଼ମ୍ବର ତ୍ୟାଗ କରି ସତ୍ୟକୁ ଗ୍ରହଣ କରିବା

ଯେଉଁ ଲୋକମାନେ ଆଡ଼ମ୍ବର କରନ୍ତି, ସେମାନେ କ୍ଷଣିକ ପାଇଁ କାହାର ପ୍ରତିବିମ୍ବ ତ ହୋଇଯାନ୍ତି, ତାହାର ଚିତ୍ର ପରି ଦେଖାଯାଇ ପାରନ୍ତି, କିନ୍ତୁ ତାହାର ବାସ୍ତବିକ ଆଭା ଖେଳାଇ ପାରନ୍ତି ନାହିଁ । ଯେପରି ସିଂହର ଚମଡ଼ା ଘୋଡାଇ ହେବା ବ୍ୟକ୍ତି ବାସ୍ତବିକ ସିଂହ ହୋଇ ନ ଥାଏ, ସେ ସିଂହ ହେବାର ପ୍ରଦର୍ଶନ ତ କରିପାରେ, କିନ୍ତୁ ଆନ୍ତରିକ ସ୍ତରରେ ଭୟଭୀତ ହୋଇଥାଏ ଯେ କାଳେ ଯଦି ବାସ୍ତବରେ ଅସଲ ସିଂହ ଆସିଯିବ ତ ତା'ର ଅବସ୍ଥା କ'ଣ ହେବ ? ଏହି ମନଃସ୍ଥିତି ଆଡମ୍ବର କରିବା ବ୍ୟକ୍ତିର ହୋଇଥାଏ । ଏହି ସଂସାରରେ ପ୍ରତ୍ୟେକ ବ୍ୟକ୍ତି ବିଶେଷ, ପ୍ରତ୍ୟେକ ବ୍ୟକ୍ତି ମହତ୍ତ୍ୱପୂର୍ଣ୍ଣ, ପ୍ରତ୍ୟେକ ବ୍ୟକ୍ତି ଭିତରେ ବିଶେଷ ପ୍ରକାରର ପ୍ରତିଭା ଲୁକ୍କାୟିତ ହୋଇ ରହିଥାଏ, କିନ୍ତୁ ସେ ନିଜ ଉପରେ ଆଡମ୍ବରର ଏତେ ଆବରଣ ଘୋଡାଇ ରଖିଛି ଯେ ତା'ର ବାସ୍ତବିକ ପ୍ରତିଭାର ଏହି ସଂସାରରେ କେବେ ଅନାବରଣ ହୋଇପାରେ ନାହିଁ । ଯେଉଁ ମାର୍ଗରେ ଚାଲିଲେ ସେ ନିଜର ସ୍ୱନିକଟରେ ପହଞ୍ଚି ପାରିଥାନ୍ତା, ଏହାର ବିପରୀତ ମାର୍ଗରେ ସେ ଏତେ ଆଗକୁ ବଢ଼ି ଯାଇଥାଏ ଯେ ତା' ପାଇଁ ପୁନର୍ବାର ବିପରୀତ ଦିଗରେ ଚାଲିବା ଓ ସ୍ୱଙ୍କୁ ଖୋଜି ପାଇବା ଅସମ୍ଭବ ପ୍ରତୀତ ହୋଇଥାଏ ଏବଂ ଏହି କାରଣରୁ ଏ ସଂସାରରେ ବହୁତ ଲୋକ ନିଜ ଜୀବନର ଦିଶାଧାରାରୁ ଭ୍ରମିତ ହୋଇଯାନ୍ତି, କାରଣ ସେମାନେ ନିଜ ଜୀବନର ସତ୍ୟତାରୁ ମୁହଁ ମୋଡି ନେଇଥାନ୍ତି, ନିଜ ଜୀବନର ବାସ୍ତବତାକୁ ଅସ୍ୱୀକାର କରିଥାନ୍ତି ।

ଘୋଡେଇ ହୋଇଥିବା ଆଡ଼ମ୍ବର କେବେହେଲେ ଜୀବନରେ ସନ୍ତୋଷ ଓ ଶାନ୍ତି ପ୍ରଦାନ କରେ ନାହିଁ । ଗୋଟିଏ ବୋଝ ପରି ସେମାନେ ଜୀବାତ୍ମା ଉପରେ ଲଦି ହୋଇ ରହିଥାନ୍ତି ତଥା ତାହାର ଭାର ଦ୍ୱାରା ନିଜେ ଦବି ହୋଇ ରହନ୍ତି ଏବଂ ଆଡମ୍ବର ଘୋଡାଇ ହେବାର ପରିଣାମ ମଧ ହିତକାରୀ ହୋଇ ନଥାଏ । ସେଥିପାଇଁ ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ମହାରାଜ କହିଛନ୍ତି-

ଲଖି ସୁବେଷ ଜଗ ବଞ୍ଚକ ଜେଉ ।
ବେଷ ପ୍ରତାପ ପୂଜିଅହିଂ ତେଉ ।
ଉଘରହିଂ ଅନ୍ତ ତ ହୋଇ ନିବାହୂ ।
କାଳନେମି ଜିମି ରାବନ ରାହୂ । ।

ଯିଏ ବେଶଧାରୀ ଠକ ଅଟେ, ତାକୁ ମଧ ଉତ୍ତମ ସାଧୁର ବେଶ ଧାରଣ କରିବା ଦେଖି ତା'ର ବେଶର ପ୍ରତାପ ଦ୍ୱାରା ଜଗତ ତାକୁ ପୂଜିଥାଏ, ପରନ୍ତୁ ଦିନେ ନା ଦିନେ ତା'ର ଭେଦ ଖୋଲିଯାଏ ଏବଂ ଏହିପରି ଅନ୍ତ ପର୍ଯ୍ୟନ୍ତ ତା'ର କପଟ ଦ୍ୱାରା କିଛି ସାଧିତ ହୁଏ ନାହିଁ, ଯେପରି କାଳନେମି, ରାବଣ ଓ ରାହୁର ଅବସ୍ଥା ହୋଇଥିଲା ।

କାଳନେମି ରାକ୍ଷସରାଜ ରାବଣର କହିବା ଅନୁସାରେ ହନୁମାନଙ୍କର ମାର୍ଗ ରୋକିବା ପାଇଁ ସାଧୁ ବେଶ ସେତେବେଳେ ଧାରଣ କରିଥିଲା, ଯେତେବେଳେ ସେ ରାତ୍ରିକାଳରେ ସଂଜୀବନୀ ବୁଟି ଆଣିବା ପାଇଁ ହିମାଳୟ ଆଡକୁ ଯାଉଥିଲେ । ସାଧୁ ବେଶଧାରୀ କାଳନେମିର ରାମଭକ୍ତି ଦ୍ୱାରା ହନୁମାନ ବହୁତ ପ୍ରଭାବିତ ମଧ ହୋଇଥିଲେ, କିନ୍ତୁ ଯେତେବେଳେ ତାଙ୍କୁ ଏହି ସତ୍ୟର ଆଭାସ ହେଲା ଯେ ସାଧୁ ବେଶଧାରୀ କାଳନେମି ଜଣେ ରାକ୍ଷସ ଏବଂ ତାଙ୍କର ମାର୍ଗ ରୋକିବା ପାଇଁ ସେ ଏପରି ନାଟକ କରୁଛି, ସେତେବେଳେ ସେ ତତ୍‌କ୍ଷଣାତ୍ ତା'ର ବଧ କରି ଦେଇଥିଲେ ।

ଅବଶିଷ୍ଟାଂଶ ଅଷ୍ଟମ ପୃଷ୍ଠାରେ

# କରୋନା ଟୀକା ଉପରେ ସନ୍ଦେହ କାହିଁକି ?

**ବି**ଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାର୍ଚ୍ଚ ୨୦୨୦ ରେ କରୋନାକୁ ଏକ ବୈଶ୍ୱିକ ମହାମାରୀ ଘୋଷଣା କରିବା ପରେ ଏହାଦ୍ୱାରା ୩୦ ଲକ୍ଷରୁ ଅଧିକ ଲୋକଙ୍କର ପ୍ରାଣହାନି ଘଟିଲାଣି । ଏଭଳି ସଙ୍କଟ ସମୟରେ ଭାରତରେ ଟୀକାକରଣ ପ୍ରକ୍ରିୟା ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ସବୁଠୁ ସ୍ୱଳ୍ପ ସମୟ ଭିତରେ ୧୫ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟୀକା ଦେଇ ଭାରତ ବିଶ୍ୱ ରେକର୍ଡ କରିଛି । ଏବେ ୧୮ରୁ ବର୍ଷରୁ ଅଧିକ ସବୁ ଲୋକଙ୍କୁ ଟୀକା ଦେବା ପାଇଁ ସରକାର ଘୋଷଣା କରିଛନ୍ତି । ତେବେ ଏହି ଘଡିସନ୍ଧି ମୁହୂର୍ତ୍ତରେ କିଛି ଲୋକ ଟୀକା ନେବେ କି ନ ନେବେ ଦ୍ୱନ୍ଦ୍ୱରେ ଅଛନ୍ତି । ଅମ୍ଳଜାନ ସଙ୍କଟରେ ଛଟପଟ ହୋଇ ଅନେକ ଜୀବନହାନୀ ହେଉଥିବାର ଖବର ଆଖିରେ ଦେଖି ମଧ ଲୋକମାନେ ଟୀକାର କ୍ଷମତା ଉପରେ ପ୍ରଶ୍ନବାଚୀ ଉଠେଇ ଚାଲିଛନ୍ତି ।

ନିକଟରେ ଆମେରିକାର ଜଣେ ଖ୍ୟାତି ସମ୍ପନ୍ନ ବିଶେଷଜ୍ଞ ତଥା ହ୍ୱାଇଟ ହାଉସର ମୁଖ୍ୟ ଚିକିତ୍ସା ପରାମର୍ଶଦାତା ଡାକ୍ତର ଆନ୍ତନି ଫାଉଚି ଭାରତ ବାୟୋଟେକ୍ ନିର୍ମିତ କୋଭାକସିନର ଉଚ୍ଚ ପ୍ରଶଂସା କରି ଏହା କରୋନା ଭୂତାଣୁକୁ ନିଷ୍କ୍ରିୟ କରିବାରେ ଅତ୍ୟନ୍ତ ସହାୟକ ବୋଲି ମତବ୍ୟକ୍ତ କରିଛନ୍ତି । ଭାରତରେ କରୋନାର ଦ୍ୱିତୀୟ ଲହର ବେଳେ କେବଳ ଟୀକାକରଣ ଏକମାତ୍ର ପ୍ରତୀକାତ୍ମକ ଉପାୟ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଗତ କିଛିଦିନ ତଳେ ନ୍ୟୁୟର୍କ ଟାଇମସ ଖବରକାଗଜରେ କୋଭାକସିନ ଟୀକା କରୋନା ଭାଇରସ ବିରୋଧରେ ଶକ୍ତିଶାଳୀ ଆଣ୍ଟିବଡି ତିଆରି କରିଥାଏ ବୋଲି ପ୍ରକାଶ କରି ଏହାକୁ ଆହୁରି ବିଶ୍ୱସନୀୟ କରି ସାରିଛି । ଯଦିଓ ଭାରତ ସରକାର ଗତ ୩ ଜାନୁୟାରୀ ଦିନ ଏହି ଟୀକାକୁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଥିଲେ । ଏହା ଏବେ ସର୍ବଜନ ଆଦୃତ ହୋଇ ପାରିଛି । ତେବେ ଠିକ୍ ଏହି ସମୟରେ ଭାରତ ବାୟୋଟେକ ତା'ର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ କରି କୋଭାକସିନ ପ୍ରାୟ ଅଶୀ ଭାଗ ପର୍ଯ୍ୟନ୍ତ ସଫଳତା ପାଇଛି ବୋଲି ନିଜ ରିପୋର୍ଟକୁ ସାର୍ବଜନୀନ କରିଛନ୍ତି । ଗମ୍ଭୀର ଶ୍ରେଣୀର କୋଭିଡ୍ ଭୂତାଣୁ ବିରୋଧରେ ଏହା ଶହେ ପ୍ରତିଶତ ସହାୟକ ବୋଲି ପ୍ରମାଣିତ ହୋଇଛି । ଅଶୀ ପ୍ରତିଶତର ଅର୍ଥ ହେଲା ଟୀକା ନେଇଥିବା ଲୋକମାନଙ୍କର ଥରେ କୋଭିଡ ହେବାର ସମ୍ଭାବନା ଅଶୀ ପ୍ରତିଶତ କମିଯାଇ ଥାଏ । ଏହା ନିଶ୍ଚିତ



ଭାବରେ ସମାଲୋଚନା କରୁଥିବା ଲୋକମାନଙ୍କୁ ଏକ ଉତ୍ତର । ତଥାପି ସବୁଠୁ ବଡ଼ ପ୍ରଶ୍ନ ହେଲା ଟୀକା ନେବା କଅଣ ନିହାତି ଜରୁରୀ ? ଏହାର ଠିକ୍ ଓ ଏକମାତ୍ର ଉତ୍ତର ହେଲା ହଁ । ଟୀକା ଏକମାତ୍ର ଓ କେବଳ ଗୋଟିଏ ଉପାୟ ଯାହାଦ୍ୱାରା କରୋନାକୁ ହରେଇ ଦିଆଯାଇ ପାରିବ । ଗାଁ କନିଆ ସିଂଘାଣି ନାକି ଆଳରେ ଭାରତ ନିର୍ମିତ ଟୀକା ଉପରେ ପ୍ରଶ୍ନବାଚୀ କଲା ବେଳେ ଆମକୁ ମନେ ରଖିବାକୁ ପଡିବ ଯେ ବିଶ୍ୱର କୌଣସି ଟୀକା ଶତ ପ୍ରତିଶତ ସକ୍ଷମ ନୁହେଁ । ଆଉ ଗୋଟିଏ କଥା ଏଠାରେ ମନେ ରଖିବା ଉଚିତ ଯେ ଟୀକା ନେବାର ଅର୍ଥ ନୁହେଁ ଯେ ଆଉ ଆପଣଙ୍କୁ କରୋନା ହେବ ନାହିଁ । ଟୀକା ନେବା ଦ୍ୱାରା ଶରୀର ଭିତରେ ଭୂତାଣୁ ବିରୋଧରେ ଶକ୍ତ ପ୍ରତିରୋଧକ ବା ହାର୍ଡ ଇମ୍ୟୁନିଟି ଶୀଘ୍ର ତିଆରି ହୁଏ, ଯାହା ପ୍ରାକୃତିକ ରୂପରେ ତିଆରି ହେବା ପାଇଁ ଅନେକ ସମୟ ନେଇଥାନ୍ତା । କେବଳ ଦୁଇଟି ଟୀକା ନେବାର ପନ୍ଦର ଦିନ ପରେ ଜଣେ ନିଜକୁ ସୁରକ୍ଷିତ ମଣିପାରିବ । ଏଇଟା ପ୍ରମାଣିତ ତଥ୍ୟ ଯେ ଟୀକା ନେଲାପରେ ମଧ କରୋନା ସଂକ୍ରମିତ ହେଲେ ବ୍ୟକ୍ତି ଗୁରୁତର ହେବାର ସମ୍ଭାବନା ବହୁତ କମ୍ । ତେଣୁ ବିଶେଷଜ୍ଞଙ୍କ ମାନଙ୍କ ମତରେ ଯେଉଁ ଟୀକା ବର୍ତ୍ତମାନ ଉପଲବ୍ଧ ତାହା ଅବିଳମ୍ବେ ନେଇଯିବା ଉଚିତ । ନିଜ ଦେଶରେ ତିଆରି ଟୀକା ଉପରେ ବିଶ୍ୱାସ କରୁ ନ ଥିବା ଲୋକମାନେ ଯଦି ବିଦେଶରୁ ଆସିବାକୁ ଥିବା ରୁଷିଆର ସ୍ପୁଟନିକ କିମ୍ବା ଆମେରିକାରେ ତିଆରି ଫାଇଜର ଟୀକା ଅପେକ୍ଷାରେ ରହିବେ ତାହା ବୁଦ୍ଧିମାନର କାମ ନୁହେଁ । କାରଣ ବିଦେଶରୁ ଆସୁଥିବା ଟୀକା ଆସି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ସମୟ ସାପେକ୍ଷ । ତେଣୁ ଖୁବ୍ ଶୀଘ୍ର ଅଧିକ ପ୍ରାଣହାନୀରୁ ରକ୍ଷା କରିବା, ଦେଶର ଆର୍ଥିକ ମେରୁଦଣ୍ଡକୁ ପୁଣି ଟାଣ କରିବା ଓ ପୂର୍ବପରି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବାକୁ ଟୀକା ନେବା ନିହାତି ଆବଶ୍ୟକ । ଏହା ଦ୍ୱାରା ପୁଣି ଥରେ ସଂକ୍ରମିତ ହେବାର ସମ୍ଭାବନା କମିଯାଏ ଓ ସଂକ୍ରମିତ ହେଲେ ଗୁରୁତର ହେବାର ସମ୍ଭାବନା ମଧ ଅପେକ୍ଷାକୃତ ହ୍ରାସପାଏ । ଟୀକା ନେବା ପରେ ମାସ୍କ ଓ ସଂଗରୋଧ ଭଳି ନିୟମ କୋହଳ କରିବା ଅନୁଚିତ । ତେଣୁ ଟୀକା ନେବା କି ନ ନେବା ଭଳି ଏକ ମୂଲ୍ୟହୀନ ପ୍ରଶ୍ନ ପଛରେ ନ ପଡି ଆଖି ବୁଜି ଟୀକା ନିଅନ୍ତୁ । ଟୀକା କୌଣସି ରାଜନୈତିକ ଦଳର କିମ୍ବା ନିର୍ଦ୍ଦିଷ୍ଟ ବିଚାରଧାରାରେ ବିଶ୍ୱାସ କରୁଥିବା ବ୍ୟକ୍ତି ବିଶେଷଙ୍କର ସମ୍ପତ୍ତି ନୁହେଁ । ଏହା ଆମ ଭାରତରେ ତିଆରି ଓ ଶହେରୁ ଅଧିକ ଦେଶର ଲୋକ ଆପଣେଇ ନେଇଥିବା ଏକ ଯୁଗାନ୍ତକାରୀ ଆବିଷ୍କାର । ତେଣୁ ଆସନ୍ତୁ କିଛି ସନ୍ଦେହ ନ କରି ଟୀକା ନେବା । କରୋନାକୁ ହରେଇବା ।

# ମୁହଁମାଡ଼ି ଶୋଇଲେ ବଢ଼ିବ ଅମ୍ଳଜାନ ସ୍ତର

**କ**ରୋନା ସଂକ୍ରମିତ ଅମ୍ଳଜାନ ପଛରେ ନ ଦୌଡି ନିଜ ଶରୀରରେ ଅମ୍ଳଜାନ ସ୍ତର ବଢ଼ାଇବା ଆବଶ୍ୟକ । ସାମାନ୍ୟ ଧରଣର ଆକ୍ରାନ୍ତମାନଙ୍କ ଠାରେ ଅମ୍ଳଜାନ ଅଭାବ ପ୍ରାୟତଃ ଦେଖାଦେଇ ନ ଥାଏ । ମାତ୍ର ସେମାନେ ନିୟମିତ ପ୍ରାଣାୟାମ ଭଳି କେତେକ ବ୍ୟାୟାମ କରିବାକୁ ପଡିବ । ଯଦି ଆକ୍ରାନ୍ତ ମଧମ ବର୍ଗକୁ ଗତି କଲେ ବା ତାଙ୍କଠାରେ ଜଟିଳତା ଦେଖାଦେଲେ ତେବେ ସେ ତାଙ୍କର ନିଶ୍ୱାସ ପ୍ରଶ୍ୱାସ ଗତି ବଢ଼ାଇବା ପାଇଁ କେତେକ ଅଭ୍ୟାସ କରିବାକୁ ପଡିବ । ତିନି ପ୍ରକାର କଡ଼ ଲେଉଟାଇ ଶୋଇବାକୁ ପଡିବ । ପ୍ରଥମେ ଅଧଘଣ୍ଟା ମୁହଁ ମାଡି ଶୋଇଲେ ବାୟୁଥଳିରୁ ବିଷାକ୍ତ ବାୟୁ ବାହାରିବାରେ ସହାୟକ ହେବ । ଏହାପରେ ଡାହାଣ ଓ ବାମ କଡ଼ ମାଡି ଅଧଘଣ୍ଟା ଲେଖାଏଁ ତକିଆ ଦେଇ ଶୋଇବାକୁ ପଡିବ । ପ୍ରଥମେ କଡ଼ ଲେଉଟାଇ ଶୋଇବାକୁ ପଡିବ । ପ୍ରଥମେ ଅଧଘଣ୍ଟା ମୁହଁ ମାଡି ଶୋଇଲେ ବାୟୁଥଳିରୁ ବିଷାକ୍ତ ବାୟୁ ବାହାରିବାରେ ସହାୟକ ହେବ । ଏହାପରେ ଡାହାଣ ଓ ବାମ କଡ଼ ମାଡି ଅଧଘଣ୍ଟା ଲେଖାଏଁ ତକିଆ ଦେଇ ଶୋଇବାକୁ ପଡିବ । ଏହା ପରେ ସେମାନଙ୍କ ଅମ୍ଳଜାନସ୍ତର ଶରୀରରେ ବଢ଼ିବ । ଯଦି ଏସବୁ ଅଭ୍ୟାସ ପରେ ଅମ୍ଳଜାନ ସ୍ତର ନ ବଢ଼ିବ ତେବେ ଯାଇ ସେମାନେ ଡାକ୍ତରଙ୍କୁ ଯୋଗାଯୋଗ କରିବେ କିମ୍ବା ଡାକ୍ତରଖାନା ଯିବା ଆବଶ୍ୟକ ।

କରୋନା ଭୂତାଣୁ ପ୍ରଥମେ ଫୁସ୍‌ଫୁସ୍‌ର ଚାରିପଟକୁ ଅକ୍ତିଆର କରିବାକୁ ଚେଷ୍ଟା କରିଥାଏ । ଯଦି ରୋଗୀର ପ୍ରତିରୋଧକ ଶକ୍ତି ନ ଥାଏ ତେବେ ସେଠାରେ ଅମ୍ଳଜାନର ସମସ୍ୟା ଦେଖାଦିଏ । ତେବେ ସାମାନ୍ୟ ଆକ୍ରାନ୍ତ ଥିବା ପ୍ରାୟ ୮୫ ପ୍ରତିଶତ ଲୋକଙ୍କଠାରେ ଅମ୍ଳଜାନସ୍ତର ୯୪ ମାନକ ଉପରେ ରହିଥାଏ । ସେମାନଙ୍କ ପାଇଁ କୌଣସି ଅସୁବିଧା ନାହିଁ । ହେଲେ ନିୟମିତ ବ୍ୟାୟାମ କରିବା ଆବଶ୍ୟକ । ସେହିପରି ମଧମ ବର୍ଗ ରୋଗୀ ଲକ୍ଷଣ ଜାଣିବା କ୍ଷଣି ତାଙ୍କର ବ୍ୟାୟାମ ଆରମ୍ଭ କରିବା କଥା । ନଚେତ୍ ପୂର୍ବରୁ ବ୍ୟାୟାମ ଅଭ୍ୟାସ ରଖିବା ଦ୍ୱାରା ଅମ୍ଳଜାନ୍ ସ୍ତର କମି ନ ଥାଏ । ନିଃଶ୍ୱାସ ପ୍ରଶ୍ୱାସ ଶୃଙ୍ଖଳାରୁ ଅମ୍ଳଜାନର ଆବଶ୍ୟକତା ଜଣାପଡିବ । ଯଦି ଜଣେ ଆକ୍ରାନ୍ତ ଲମ୍ବା ନିଃଶ୍ୱାସ - ପ୍ରଶ୍ୱାସ ଛାଡି ପାରୁ ନାହିଁ, ତେବେ ସେକ୍ଷେତ୍ରରେ ଆଗାମୀ ଦିନରେ ଅମ୍ଳଜାନର ସମସ୍ୟା ଦେଖା ଦେଇପାରେ । ଏଥିପାଇଁ ସେ ସତର୍କ ରହିବା ଜରୁରୀ, ଭୟଭୀତ ହେଲେ ଅମ୍ଳଜାନସ୍ତର କମିବାର ସମ୍ଭାବନା ରହିଛି । ଜ୍ୱର ଦେଖାଦେଲେ ପାରାସିଟାମଲ ୬୫୦ ମିଲିଗ୍ରାମ ଦିନକୁ ୪ ଟା ପର୍ଯ୍ୟନ୍ତ ଖାଇ ପାରିବେ । ଯଦି ଜ୍ୱର ନାହିଁ ତେବେ ନ ଖାଇଲେ ଚଳିବ, ମାତ୍ର ଜ୍ୱର ନ କମିଲେ ପାରାସିଟାମଲ ବଟିକା ସହିତ ନେପ୍ରକ୍ସେନ ୨୫୦ ମିଲିଗ୍ରାମ ଦିନକୁ ୨ଟା ଖାଇ ପାରିବେ । ଏହା ସହିତ ଭିଟାମିନ୍ ସି, ଜିଙ୍କ୍ ଔଷଧ ସେବନ କରିପାରିବେ । ତେବେ ଏକାନ୍ତବାସରେ ଥିବା ରୋଗୀମାନେ 'ଆଇଭରମେକ୍‌ଟିନ୍' ଔଷଧ ସେବନ କରିପାରିବେ । ୧୨ ବର୍ଷରୁ ଊର୍ଦ୍ଧ୍ୱ ତଥା ବଡ଼ ବ୍ୟକ୍ତିମାନେ ଦିନକୁ ୧୨ ମିଲିଗ୍ରାମ ଏବଂ ଛୋଟ ପିଲାମାନେ ୬ ମିଲିଗ୍ରାମ ୩ ରୁ ୫ ଦିନ ଯାଏଁ ଖାଇ ପାରିବେ । ଗର୍ଭବତୀ କିମ୍ବା ପ୍ରସୂତିମାନେ ଏହି ଔଷଧ ସେବନ କରିବା ସ୍ପୃହଣୀୟ ନୁହେଁ । ଏହାବାଦ୍ ଫାବିପିରାଭିର ବଟିକା ଏବଂ ରେମଡେସିଭର ଟିକା କେବଳ ଡାକ୍ତରଙ୍କ ପରାମର୍ଶରେ ରୋଗୀଙ୍କ ଅବସ୍ଥା ଦେଖି ଦେଇହେବ । ଯଦି ଆକ୍ରାନ୍ତ ମନଇଚ୍ଛା ଏହି ଔଷଧ କିଣି ସେବନ କରିବେ, ତେବେ ଲାଭ ଅପେକ୍ଷା କ୍ଷତି ଅଧିକ ହେବ ।

# ଗଣ୍ଠି ଯନ୍ତ୍ରଣାର ଘରୋଇ ଉପଚାର

**ଶି**ଶୁ ଜନ୍ମପରେ ଶରୀରରେ କ୍ୟାଲସିୟମ ଅଭାବ ହେଉ କିମ୍ବା ଘର ସାଙ୍ଗକୁ ଅଫିସ କାମର ଚାପରେ ଅନେକ ମହିଳାଙ୍କ ଠାରେ ଗଣ୍ଠି ଯନ୍ତ୍ରଣା ଦେଖିବାକୁ ମିଳୁଛି । ଯାହାକୁ ରୋକିବା ଲାଗି ଅନେକେ ପେନକିଲର ମଧ ବ୍ୟବହାର କରୁଛନ୍ତି । ହେଲେ ଏହାର ଅଧିକ ସେବନ ଅପରପକ୍ଷେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଉପୁଯାଉଛି । ତେଣୁ ଗଣ୍ଠିଯନ୍ତ୍ରଣାକୁ କିଭଳି ଘରୋଇ ଉପାୟରେ କମାଇପାରିବେ ତାହା ଜାଣିବା ଜରୁରୀ ।



ଗଣ୍ଠି ଯନ୍ତ୍ରଣାରୁ ଉପଶମ ଦେବାରେ ରସୁଣ ବେଶ୍ ଉପକାରୀ । ଏହାକୁ ପେଷ୍ଟ କରି ମହୁ ମିଶାଇ ପ୍ରତିଦିନ ଖାଇବା ସମୟରେ ଏକ ଚାମଚ ଖାଇଲେ ଗଣ୍ଠି ଯନ୍ତ୍ରଣା କମିଥାଏ । ରସୁଣ ପେଷ୍ଟକୁ ତେଲରେ ମିଶାଇ ଗଣ୍ଠି ସ୍ଥାନରେ ମାଲିସ୍ କଲେ ମଧ ଉପଶମ ମିଳିଥାଏ ।

ଏକ ଗ୍ଲାସ ଉଷୁମ କ୍ଷୀରରେ ଏକ ଚାମଚ ହଳଦୀ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାଇ ପିଇଲେ ବି ଯନ୍ତ୍ରଣା କମିଥାଏ ।

ମେଥି ମଧ ଗଣ୍ଠିଯନ୍ତ୍ରଣା କମାଇବାରେ ସାହାଯ୍ୟ କରିଥାଏ । ପ୍ରତିଦିନ ରାତିରେ ମେଥିକୁ ଭିଜାଇ ରଖି ସକାଳେ ଚୋବାଇ ଖାଇବା ଦ୍ୱାରା ଯନ୍ତ୍ରଣା ଦୂର ହୋଇଥାଏ ।

ପିଆଜରେ ସଲଫର ଅଧିକ ପରିମାଣରେ ଭରି ରହିଛି । ଯାହାକି ଗଣ୍ଠିରେ ଯନ୍ତ୍ରଣା ସୃଷ୍ଟି କରୁଥିବା ଏଞ୍ଜାଇମକୁ ନିୟନ୍ତ୍ରିତ କରିଥାଏ । ତେଣୁ ପ୍ରତିଦିନ ଖାଇବାରେ କଞ୍ଚା ପିଆଜକୁ ସାମିଲ କଲେ ଉପକୃତ ହେବେ ।

ଅଣ୍ଟା ଯନ୍ତ୍ରଣା ଲାଗି କଷ୍ଟ ପାଉଥିଲେ ଦେଶୀ ଘିଅରେ ଶୁଣ୍ଠି ମିଶାଇ ଖାଇଲେ ଉପକୃତ ହେବେ । ନଡିଆ ତେଲ କିମ୍ବା ସୋରିଷ ତେଲରେ ରସୁଣ ପକାଇ ଗରମ କରି କିମ୍ବା ନଡିଆ ତେଲରେ କର୍ପୁର ମିଶାଇ ଗରମ କରି ଅଣ୍ଟାରେ ମାଲିସ୍ କଲେ ମଧ ଯନ୍ତ୍ରଣାରୁ ଉପଶମ ପାଇପାରିବେ ।

# ଉପକାରୀ ଅଙ୍ଗୁର

**ଅ**ଙ୍ଗୁର ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏଥିରେ ଭିଟାମିନ୍, 'କେ', 'ଏ', 'ସି' ଏବଂ 'ବି-୬' ଭରି ରହିଛି । ଆଜ୍‌ମା ରୋଗୀଙ୍କ ପାଇଁ ଅଙ୍ଗୁର ବେଶ୍ ଉପକାରୀ । ଅନ୍ୟପକ୍ଷରେ ନିୟମିତ ଅଙ୍ଗୁର ଖାଇଲେ ହୃଦରୋଗ ଆଶଙ୍କା କେତେକାଂଶରେ ଦୂର କରିଥାଏ । ଯଦି ଆପଣଙ୍କର ମାଇଗ୍ରେନ୍ ସମସ୍ୟା ରହିଛି, ତେବେ ଅଙ୍ଗୁର ଜୁସ୍ (ପାଣି ନ ମିଶାଇ) ପିଇପାରନ୍ତି ।



ଏହାମଧ କୋଷ୍ଠକାଠିନ୍ୟ ଦୂର କରିବାରେ ସହାୟକ ହୋଇଥାଏ । ବେଳେବେଳେ ଆମେ ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହୋଇଥାଉ । ଏହାକୁ ଦୂର କରିବାରେ ଅଙ୍ଗୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ନିୟମିତ ଅଙ୍ଗୁର ଖାଇଲେ ତାହା ଦାନ୍ତକୁ ଦୃଢ଼ କରିବା ସହ ଦାନ୍ତଜନିତ ସମସ୍ୟା ଦୂର କରେ । ଆମ ଶରୀରରେ ୟୁରିକ ଏସିଡ୍ ପରି ତତ୍ତ୍ୱକୁ ନଷ୍ଟ କରିବାରେ ଏହା ସହାୟକ ହେବା ସହ କିଡନୀର କାର୍ଯ୍ୟଦକ୍ଷତାକୁ ଆହୁରି ଦୃଢ଼ କରିଥାଏ ।

# ରାମକଥା




**ବି**ଚକ୍ଷଣ ବୁଦ୍ଧିମାନ ହନୁମାନ ସେଠାରେ ଉପସ୍ଥିତ ଥିଲେ । ଶ୍ରୀରାମ ଭାବିଲେ 'ହନୁମାନ ପ୍ରଥମେ ଲଙ୍କାକୁ ଯାଇଥିଲା । ସେ ରାକ୍ଷସଙ୍କୁ ଦେଖିଛି । ତାକୁ ପଚାରିବା । ଶ୍ରୀରାମ ହନୁମାନଙ୍କୁ ତାଙ୍କର ମତାମତ ମାଗିଲେ । ହନୁମାନ କହିଲେ 'ମହାରାଜ ! ଇଏ କପଟ କରୁ ନାହାନ୍ତି । ଏହାଙ୍କ ସ୍ୱର ଆର୍ତ୍ତ । ସ୍ୱରେଣ ଜାୟତେ ଆର୍ତ୍ତଃ । ଏହାଙ୍କ ସ୍ୱରରୁ ଜଣାଯାଉଛି ଇଏ ଅତି ଦୁଃଖୀ ପାଇ ଏଠାକୁ ପଳାଇ ଆସିଛନ୍ତି ।

ହନୁମାନ କୃପା କଲେ । ବିଭୀଷଣଙ୍କର ଶରଣ ଗତି ସିଦ୍ଧକାରୀ ହେଉଛନ୍ତି ହନୁମାନ । ପ୍ରଭୁ ଶ୍ରୀରାମ କହିଲେ- 'ସଦଭାବରେ କହିଥାଉ ଅଥବା କୁଭାବରେ, 'ଶରଣଂ ଗତଃ' ବୋଲି କହୁଛି, କୌଣସି ଜୀବ ମୋ ସମ୍ମୁଖକୁ ଆସି ଯଦି ଶରଣ ପାଇବା ପାଇଁ ଇଚ୍ଛାକରେ ତାକୁ ଅଭୟଦାନ କରିବା ହେଉଛି ମୋର ଦୃଢ଼ ବ୍ରତ ।

ସକୃଦେବ ପ୍ରପନ୍ନାୟ ମୟି ତବାସ୍ମୀତି ଯାଚତେ ।

ଅଭୟଂ ସର୍ବଭୂତେଭ୍ୟୋ ଦଦାମ୍ୟେତଦ୍ ବ୍ରତଂ ମମ ।

ଥରେ ମାତ୍ର ଯଦି ଜୀବ ପରମାତ୍ମାଙ୍କ ସମ୍ମୁଖକୁ ଯାଇ କହେ, 'ହେ ନାଥ ! ମୁଁ ତୁମର ଶରଣ ପଶୁଛି, ମୁଁ ତୁମର । ପ୍ରଭୁ ଅତି ଉଦାର, ଦୟାଳୁ ଜୀବର ଅପରାଧ ଭୁଲି ଯାଆନ୍ତି । ଜୀବର ସ୍ୱଭାବ ହେଉଛି ଅପରାଧ କରିବା । ଜୀବର ଅପରାଧକୁ ଭୁଲିଯିବା ହେଉଛି ପ୍ରଭୁଙ୍କ ସ୍ୱଭାବ । ଶରଣାଗତି ହେଉଛି ଜୀବର ଧର୍ମ । ପରମାତ୍ମାଙ୍କ ଧର୍ମ ହେଉଛି ଶରଣକୁ ଆସିଥିବା ଜୀବକୁ ରକ୍ଷା କରିବା । ଜୀବ ସକଳ ପ୍ରକାର ଅଭିମାନ ଛାଡି, ଦୀନ ହୃଦୟରେ ଯଦି ପରମାତ୍ମାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରେ, ଶରଣ ପଶେ, ତେବେ ଶରଣ ନେଇଥିବା ଜୀବକୁ ପରମାତ୍ମା ଉପେକ୍ଷା କରନ୍ତି ନାହିଁ, ଜୀବ ଯେତେ ପାପୀ ହୋଇଥାଉ ପଛେ । କରିଥିବା କର୍ମ ସଂକ୍ରାନ୍ତରେ ଯିଏ ପଶ୍ଚାତାପ କରେ, ଦୀନ ହୃଦୟରେ ଯିଏ ପରମାତ୍ମାଙ୍କ ଶରଣ ପଶେ 'ଦୋଷା ଯଦ୍ୟପି ତସ୍ୟ ସ୍ୟାତ୍' ତା ଦୋଷ ପରମାତ୍ମା ଦେଖନ୍ତି ନାହିଁ । ପ୍ରଭୁ କହନ୍ତି ତାର ସମସ୍ତ ଦୋଷ, ସମସ୍ତ ପାପ ମୁଁ ନଷ୍ଟ କରିଦେବି ।

ମନମୁଖ ହୋଇ ଜୀବ ମୋହି ଜବହି । ଜନ୍ମ କୋଟି ଅଘ ନାସ ହିଁ ତବହୀ ।

ହେ ସୁଗ୍ରୀବ ! ତୁମେ ରାଜନୀତିର ଅଦ୍ୱିତୀୟ ବିଶାରଦ । ତୁମେ ସତ୍ୟ କହିଛ । ଶତ୍ରୁକୁ ବିଶ୍ୱାସ କରିବା ଅନୁଚିତ । ହେଲେ ମୁଁ କ'ଣ କରିବି ? ଶରଣକୁ ଆସିଥିବା ଜୀବକୁ ତ୍ୟାଗ ନ କରିବା ପାଇଁ ମୁଁ ନିୟମ କରିଛି । ଯଦି ଇଏ କପଟତା କରେ ତେବେ ଯା ହାତରେ କ'ଣ ହୋଇପାରିବ ? ଆମର ଗୋପନ କଥା ନେଇ ଇଏ କ'ଣ କରିପାରିବ ? ମୋ ଲକ୍ଷ୍ମଣ ଏକାକୀ ସମସ୍ତ ରାକ୍ଷସଙ୍କୁ ବିନାଶ କରିବା ପାଇଁ ସମର୍ଥ । ମୋର ଇଚ୍ଛା ତୁମେ ବିଭୀଷଣଙ୍କୁ ଯଥୋଚିତ ସମ୍ମାନ କର । ସମ୍ମାନର ସହିତ ତାଙ୍କୁ ମୋ ପାଖକୁ ନେଇ ଆସ ।

ଶ୍ରୀରାମ ମନେ ମନେ ଭାବିଲେ, ମୁଁ ଏବେ ଅତିଶୀଘ୍ର ବିଭୀଷଣଙ୍କୁ ରାଜା କରିବି । ସୁଗ୍ରୀବ ହେଉଛନ୍ତି କିଷ୍କିନ୍ଧ୍ୟାରେ ରାଜା । ରାଜାଙ୍କୁ ସାକ୍ଷାତ କରିବା ପାଇଁ ପାଛୋଟି ଆଣିବା ପାଇଁ ରାଜା ଯିବା ଉଚିତ କଥା ହେବ । ସୁଗ୍ରୀବ ବିଭୀଷଣଙ୍କୁ ସ୍ୱାଗତ କରି ସମ୍ମାନର ସହିତ ଶ୍ରୀରାମଙ୍କ ପାଖକୁ ନେଇଆସିଲେ ।

କୌଣସି ଜୀବ ଯଦି ପରମାତ୍ମାଙ୍କ ଶରଣ ଗ୍ରହଣ କରିବାକୁ ଆସେ ପରମାତ୍ମା ସେହି ଜୀବକୁ ସମ୍ମାନ ଦେବାକୁ ଯାଇ ଠିଆ ହୋଇଯାଆନ୍ତି । ଶ୍ରୀରାମ ହେଉଛନ୍ତି ସର୍ବେଶ୍ୱର । ସେ ଠିଆ ହେବାର କି ଆବଶ୍ୟକତା ଅଛି । ହେଲେ ପରମାତ୍ମା ଜୀବକୁ ମାନ ଦିଅନ୍ତି । ସେ କାହାକୁ ହେଲେ ଟିକିଏ ବୋଲି ଅସମ୍ମାନ କି ଅପମାନ ଦିଅନ୍ତି ନାହିଁ । ବିଷ୍ଣୁସହସ୍ର ନାମରେ ପରମାତ୍ମାଙ୍କର ଗୋଟିଏ ନାମ 'ମାନଦ' ବୋଲି ଲେଖା ହୋଇଛି । ପରମାତ୍ମା ସମସ୍ତଙ୍କୁ ମାନ ଦିଅନ୍ତି ।

ବିଭୀଷଣ ଶ୍ରୀରାମଙ୍କ ପାଖକୁ ଆସିବାବେଳେ ଶ୍ରୀରାମ ବସିଥିଲେ । ବିଭୀଷଣ 'ରାଘବଂ ଶରଣଂ ଗତଃ' 'ରାଘବଂ ଶରଣଂ ଗତଃ' ବୋଲି କହି କହି ଶ୍ରୀରାମଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିବା ମାତ୍ରେ ଶ୍ରୀରାମ ଉଠି ଠିଆ ହୋଇ ପଡିଲେ । ବିଭୀଷଣଙ୍କୁ ଆଲିଙ୍ଗନ କଲେ । ଜୀବ ଈଶ୍ୱରଙ୍କ ସମ୍ମୁଖକୁ ଆସିଲେ ଈଶ୍ୱର ତାକୁ ନିଜ ବାହୁ ଯୁଗଳରେ ଗାଢ଼ ଆଲିଙ୍ଗନ କରନ୍ତି ଯେ ଇଏ ମୋର ଅଂଶ, ମୋ ଠାରୁ ଅନେକ ଦିନ ଧରି ବିଚ୍ଛେଦ ହୋଇ ରହିଥିଲା ଆଜି ମୋ ପାଖକୁ ଆସିଛି । ଶ୍ରୀରାମ ବିଭୀଷଣଙ୍କୁ ନିଜର କରିନେଲେ । ତାଙ୍କୁ ପାଖରେ ବସାଇଲେ ।

ବିଭୀଷଣ କହିଲେ- 'ମୁଁ ଲଙ୍କାକୁ, ପରିବାର, ମିତ୍ରବର୍ଗଙ୍କୁ, ଧନ, ସମ୍ପତ୍ତି ଆଦି ତ୍ୟାଗ କରି ଆପଣଙ୍କ ଶରଣକୁ ଆସିଛି । ଏବେ ଆପଣ ହେଉଛନ୍ତି ମୋର ଏକମାତ୍ର ଗତି । ପରମାନନ୍ଦ ହେଲା । ଶ୍ରୀରାମ ତତକ୍ଷଣାତ୍ ବିଭୀଷଣଙ୍କ ରାଜ୍ୟାଭିଷେକ କରିଦେଲେ । ଏହାପରେ ସୁଗ୍ରୀବ କହିଲେ 'ବିଭୀଷଣ ! ତୁମେ ଶ୍ରୀରାମଙ୍କର ସହାୟତା କରିବ ।

# ସ୍ୱର୍ବେଦ

**ଠିକ୍ ନିଶାନ ତଭି ଗନୈ, ତୀର ଧନୁର୍ଦ୍ଧର ତାନ ।**
**ଅଲଗ ଲକ୍ଷ୍ୟ ତିଲ ଭର ନହିଁ, ବେଧ ମରମ ଅସ୍ଥାନ । (୬୧)**

ଭାଷ୍ୟ: ଧନୁର୍ଦ୍ଧରର ତୀର ମାରିବା ସେତେବେଳେ ଠିକ୍ ହୋଇଥାଏ, ଯେବେ ଲକ୍ଷ୍ୟ ଠିକ୍ ଥିବ ଏବଂ ତିଳେ ମାତ୍ର ହିଁ ଅଲକ୍ଷ୍ୟ ନ ହୋଇ ମର୍ମ ସ୍ଥଳକୁ ଭେଦ କରିବା । ଏହି ଦୋହାରେ ବିବେକୀ ସନ୍ଥ ମାନଙ୍କ ପାଇଁ ନିଜର ସାଧନ ଭେଦ ଦ୍ୱାରା ଏକ ତାର ନିରନ୍ତର ଜ୍ଞାନ ପ୍ରଭୁଙ୍କ ଠାରେ ଲାଗି ରହୁ ଏବଂ ସାମାନ୍ୟ ମାତ୍ର ମଧ ଅନ୍ୟ ଲକ୍ଷ୍ୟ ନ ଯାଉ ଏହାର ଉପଦେଶ ଦିଆ ଯାଇଛି । ଉତ୍ତମ ଭକ୍ତ ସବୁବେଳେ ଏକ ପ୍ରକାର ସେହି ପରମ ପ୍ରଭୁଙ୍କ ଠାରେ ଲବ ଲଗାଇ ସେଥିରେ ଲବଲୀନ ହୋଇଯାଆନ୍ତି । ଅନ୍ୟ କୌଣସି ଲକ୍ଷ୍ୟରେ ତାଙ୍କର ପ୍ରବୃତ୍ତି ହୁଏ ନାହିଁ । ସୋମରସ ପିଇବା ବାଲା ଯୋଗୀ ସର୍ବଦା ନିଜର ବିରାଜଧାମର ଅମୃତ ଧାରା ପାଇ ଶାନ୍ତ ନିମଗ୍ନ ହୋଇ ରହନ୍ତି ।

**ବାଣ ଶବ୍ଦ ଭେଦୀ ଚଲେ, ମାରେ ଉଲଟା ଦାବ ।**
**ମର୍ମ ଧନ୍ୟ ରହସ୍ୟ କା, ଧୀର ପାରଧି ଦାବ । (୬୨)**

ଭାଷ୍ୟ: ଆଖି ବନ୍ଦ କରି ମଧ ଶବ୍ଦ ଆଧାରରେ ଶବ୍ଦ ଭେଦୀବାଣ ଚଳାନ୍ତି ଶବ୍ଦ ଶୁଣିବା ମାତ୍ରେ ହିଁ ଓଲଟା ବାଣରେ ଘାବ କରନ୍ତି । ଏହି ପ୍ରକାର ଅଧାତ୍ମ କଳା, ଅନୁଭବ ଯୁକ୍ତିକୁ ଜାଣିବା ବାଲା




ମର୍ମ ଧୀର ସନ୍ତୁ ଧନ୍ୟ ଅଟନ୍ତି, ଯେ ପାରଧି ସମାନ ନିଜ ଗୁରୁ ଲକ୍ଷ୍ୟରେ ସୁରତିର ବାଣରେ ଶବ୍ଦକୁ ଯୋଗ ବିଧାନରେ ବେଧନ୍ତି ଅର୍ଥାତ୍ ମାରନ୍ତି ।

**ପ୍ରିୟତମ ଦୂରବ ରତି ଭୟେ, ଜ୍ୱାଳା ବିରହମ ମୋର ।**
**ଧଧକି ଅଗିନ ବିୟୋଗ କି, ପ୍ରିୟ ଭାର ଅନ୍ତର ଜୋର । (୬୩)**

ଭାଷ୍ୟ: ଦୂରଦେଶରେ ଥିବା ପତିଙ୍କ ଯେଭଳି ପତ୍ନୀ ବିରହ ପ୍ରେମର ଦୁଃଖଦ ବେଦନା ହୁଏ ଏବଂ ପତିଙ୍କୁ ଭେଟିବା ପାଇଁ ତୀବ୍ର ଇଚ୍ଛା ବଳବତି ହୋଇ ବିୟୋଗାଗ୍ନିରେ ଦଗ୍ଧୀଭୁତ ହୁଅନ୍ତି, ସେହି ପ୍ରକାର ପ୍ରେମର ବିରହ ବ୍ୟଥାରେ ଯେବେ ବ୍ୟାକୁଳ ହେବାରେ ଲାଗନ୍ତି ତେବେ ସେହି କୃପାଳୁ ମହାପ୍ରଭୁ ଭକ୍ତବତ୍ସଳ ନିଜ କୃପା ଦୃଷ୍ଟିରେ ଜ୍ଞାନ ଭକ୍ତି ପ୍ରଦାନ କରି ଜନ୍ମ ମରଣ ଦୁଃଖକୁ ନଷ୍ଟ କରି ନିଜର ବାସ୍ତବିକ ସ୍ୱରୂପର ଅପରୋକ୍ଷ ଦର୍ଶନ ଦିଅନ୍ତି । ମାୟାର ଆବରଣରେ ପ୍ରଭୁଙ୍କ ସମ୍ବନ୍ଧ ଦୂର ହୋଇଯାଇଛି । ଯେବେ ଅଧାତ୍ମପିପାସୁ ସଦଗୁରୁଙ୍କ ସଦଯୁକ୍ତିରେ ପ୍ରଭୁ ପ୍ରାପ୍ତି ପାଇଁ ପ୍ରଯତ୍ନ କରନ୍ତି, ତେବେ ସେହି ପରମ ପ୍ରଭୁ ଆତ୍ମାର ସନିକଟରେ ପ୍ରକଟ ହୋଇ କୃତକୃତ୍ୟ କରନ୍ତି । ପରବ୍ରହ୍ମ ବ୍ୟାପକ ଅବ୍ୟକ୍ତ ବସ୍ତୁ ଅଟନ୍ତି । ତାଙ୍କର କୌଣସି ଭୌତିକ ଦର୍ଶନ ହୁଏ ନାହିଁ । ଯୋଗ ସମାଧିରେ ପ୍ରକୃତିର ଆବରଣ କ୍ଷୟ ହୋଇଗଲେ ଆତ୍ମାରେ ପରବ୍ରହ୍ମଙ୍କ ସାକ୍ଷାତକାର ଦର୍ଶନ ଅନୁଭବ ହୁଏ ।

**ମନ ବ ସୁରତି ଏକ ସାଥ ମେଁ, ଦୁଃଖଦ ଦ୍ୱନ୍ଦ ଆଶ୍ରାନ୍ତି ।**
**ସାଧନ ମେଁ ବାଧନ ଚଲେ, ସ୍ୱଗତି କୋଶ ମେଁ କ୍ରାନ୍ତି । (୬୪)**

ଭାଷ୍ୟ: ମନ ଓ ସୁରତି ଏକା ସାଙ୍ଗେ ରହିଲେ ଦୁଃଖ ଦେବା ବାଲା ତ୍ରିଗୁଣରେ ସମୂଳ ଅଶାନ୍ତ ହୋଇ ରହନ୍ତି । ମନ ସହିତ ସୁରତି ଶୁଦ୍ଧ ରୂପରେ ରହେ ନାହିଁ । ମନର ସହିତ ସାଧନରେ ବାଧା ପଡେ ଓ ନିଜର ଚେତନ ପ୍ରକାଶ ପ୍ରାପ୍ତ କଲେ ମନର ଦ୍ୱନ୍ଦ ଅଶାନ୍ତିରୁ ଅନେକ ପ୍ରକାର ବିଘ୍ନ ଓ ଉପଦ୍ରବ ଛିଡ଼ା ହୋଇଯାନ୍ତି । ଅତଏବ ମନକୁ ସମୂଳ ଲୟକରି ଶୁଦ୍ଧ ସୁରତି ଦ୍ୱାରା ଆତ୍ମିକ ଆନନ୍ଦ ବ୍ରହ୍ମପ୍ରାପ୍ତିର ସାଧନ କରିବା ଉଚିତ ।

# ଆଡ଼ମ୍ବର ତ୍ୟାଗ କରି...

ଷଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ

ରାକ୍ଷସରାଜ ରାବଣ ସୀତାଙ୍କ ଅପହରଣ କରିବା ପାଇଁ ସାଧୁ ବେଶ ସେତେବେଳେ ଧାରଣ କରିଥିଲା, ଯେତେବେଳେ ସେ କୁଡିଆରେ ଏକାକୀ ଥିଲେ । ସେତେବେଳେ ଭିକ୍ଷା ମାଗିବା ପାଇଁ ରାବଣ ସାଧୁ ବେଶ ଧାରଣ କରି ତାଙ୍କ କୁଟୀରକୁ ଯାଇଥିଲା । ଯଦିଓ ତାଙ୍କ କୁଟୀର ବାହାରେ ଲକ୍ଷ୍ମଣରେଖା ଥିଲା, ଯାହାକୁ ତାଙ୍କର ଦିଅର ଲକ୍ଷ୍ମଣ ଟାଣିଥିଲେ ଏବଂ ଯେ କୌଣସି ସ୍ଥିତି ଆସିଲେ ତାହାକୁ ପାର ନ କରିବା ପାଇଁ ବିନତି କରିଥିଲେ । ସାଧୁ ବେଶଧାରୀ ରାବଣ ମଧ ସେହି ରେଖାକୁ ପାର କରିବା ପାଇଁ ଅସମର୍ଥ ଥିଲା, ସେଥିପାଇଁ ସେ ଏହି ଯୁକ୍ତି ବାଢ଼ିଥିଲା, ଯେଉଁଥିରେ ସୀତା ସ୍ୱୟଂ ହିଁ ସେହି ରେଖା ପାର ହୋଇ ବାହାରି ଆସିଥିଲେ । ଏଥିପାଇଁ ସେ ବାହାରେ ଦୂରରେ ଠିଆ ହୋଇ ଭିକ୍ଷା ମାଗିଥିଲା ଏବଂ ସୀତାଙ୍କୁ ବାହାରକୁ ଆସି ଭିକ୍ଷା ଦେବା ପାଇଁ କହିଥିଲା ।

ଯେତେବେଳେ ସୀତା ନିଜର ବିବଶତା ଜଣାଇଲେ, ସେତେବେଳେ ରାବଣ ନିଜକୁ ତପସ୍ୱୀ ବୋଲାଇ ଶାପ ଦେବା କଥା କହିଥିଲା, ଯାହା ଶୁଣି ସୀତା ମନେ ମନେ ବିଚଳିତ ହୋଇ ଗଲେ ଏବଂ ସେହି ଲକ୍ଷ୍ମଣ ରେଖାକୁ ପାର କରି ବାହାରକୁ ସ୍ୱୟଂ ଆସି ଯାଇଥିଲେ । ଯେତେବେଳେ ସୀତା ସେହି ଲକ୍ଷ୍ମଣ ରେଖାରୁ ବାହାରକୁ ଆସିଗଲେ, ସେତେବେଳେ ରାବଣ ନିଜର ଅସଲ ରୂପ ପ୍ରକଟିତ କରି ଜବରଦସ୍ତି ପୁଷ୍ପକ ବିମାନରେ ବସାଇ ତାଙ୍କୁ ଲଙ୍କାପୁର ନେଇଗଲା । ଏହା ସମସ୍ତଙ୍କୁ ଜଣା ଯେ ଏହି କପଟର ଦଣ୍ଡ ସମ୍ପୂର୍ଣ୍ଣ ରାକ୍ଷସ ବଂଶକୁ ନିଜର ପ୍ରାଣ ଦେଇ ଭୋଗିବାକୁ ପଡିଥିଲା ଏବଂ ଏମାନଙ୍କର ଅନ୍ତ ପରେ ରାବଣର ଜୀବନ ମଧ ସମାପ୍ତ ହୋଇଗଲା ।

ରାହୁ, ସିଂହିକା ନାମକ ଜଣେ ରାକ୍ଷସୀର ପୁତ୍ର ଥିଲା । ସମୁଦ୍ର ମନ୍ଥନ ପରେ ଯେତେବେଳେ ଅମୃତ ବାଣ୍ଟିବାର କ୍ରମ ଆସିଲା, ସେତେବେଳେ ଭଗବାନ ବିଷ୍ଣୁ ବିଶ୍ୱମୋହିନୀର ରୂପ ଧାରଣ କରିଥିଲେ । ଏହି ରୂପର ସମ୍ମୋହନରେ ଆସି ଯେତେବେଳେ ଦେବ ଓ ଅସୁର ଦୁଇ ପକ୍ଷ ବିଶ୍ୱମୋହିନୀର ହାତରୁ ଅମୃତ ପାନ କରିବା ପାଇଁ ପ୍ରସ୍ତୁତ ହୋଇଗଲେ ସେତେବେଳେ ବିଶ୍ୱମୋହିନୀ ଦେବତାମାନଙ୍କୁ ତ ଅମୃତ ପାନ କରାଇଲେ, କିନ୍ତୁ ଅସୁରମାନଙ୍କୁ ସାମାନ୍ୟ ଦ୍ରବର ପାନ କରାଇଲେ । ଗୋଟିଏ ଅସୁର ରାହୁ ଦେବ ରୂପ ଧାରଣ କରି ଯେତେବେଳେ ଦେବତାଙ୍କ ଦଳରେ ମିଶି ଅମୃତପାନ କରିଦେଲା, ସେତେବେଳେ ସୂର୍ଯ୍ୟଦେବ ଓ ଚନ୍ଦ୍ରଦେବ ବିଶ୍ୱମୋହିନୀକୁ ଏହି ସତ୍ୟ ସହିତ ଅବଗତ କରାଇଲେ ଯେ ସେ ଦେବ ନୁହେଁ ବରଂ ଅସୁର, ଯିଏ କି ରାହୁ ଅଟେ । ସେତେବେଳେ ତୁରନ୍ତ ବିଶ୍ୱମୋହିନୀ ରୂପ ଧାରଣ କରିଥିବା ନାରାୟଣ ନିଜର ସୁଦର୍ଶନ ଚକ୍ର ଦ୍ୱାରା ରାହୁର ଶିରକୁ ତା'ର ଗଣ୍ଡିରୁ ଅଲଗା କରି ଦେଇଥିଲେ, କିନ୍ତୁ ସେତେବେଳକୁ ରାହୁ ଅମୃତ ପାନ କରି ସାରିଥିଲା । ତେଣୁ ରାହୁ ଦୁଇ ଭାଗରେ ବିଭାଜିତ ହୋଇଗଲା, ତା'ର ମସ୍ତକ ଭାଗକୁ ରାହୁ ଏବଂ ଗଣ୍ଡି ଭାଗକୁ କେତୁ କୁହାଗଲା ଏବଂ ସେ ନବଗ୍ରହଙ୍କ ମଧରେ ନିଜର ସ୍ଥାନ ପ୍ରାପ୍ତ କଲା ।

ଏହି ପ୍ରକାର ନିଜର ବାସ୍ତବତାକୁ ଲୁଚାଇ ଆବରଣ ଦ୍ୱାରା ଆଚ୍ଛାଦିତ ହୋଇ ଛଳନା ଓ ଆଡମ୍ବର ପୂର୍ବକ ଯେଉଁ କାର୍ଯ୍ୟ କରାଯାଏ, ତୁରନ୍ତ ତାହା ଲାଭଦାୟକ ଦେଖାଯାଇଥାଏ, କିନ୍ତୁ ତାହାର ପରିମାଣ ଦୁଃଖଦ ହିଁ ହୋଇଥାଏ । ସେଥିପାଇଁ ବ୍ୟକ୍ତିକୁ ନିଜର ବାସ୍ତବତା ଓ ସତ୍ୟତା ଲୁଚାଇବା ଅନୁଚିତ- ଆଡମ୍ବରଯୁକ୍ତ ଜୀବନର ଚୟନ କରିବା ଉଚିତ ନୁହେଁ, ବରଂ ସତ୍ୟତାର ସହିତ ଜୀବନ ନିର୍ବାହ କରିବା ଉଚିତ, କାରଣ ଏପରି ଜୀବନ ହିଁ ବ୍ୟକ୍ତିକୁ ସେହି ଆତ୍ମବଳ ପ୍ରଦାନ କରେ, ଯାହା ମାଧମରେ ସେ ଅଧାତ୍ମ ଦିଗରେ ଅଗ୍ରସର ହୋଇପାରେ । ଆଧାତ୍ମିକ ଜୀବନରେ ପ୍ରବେଶ କରିପାରେ ।

## ଅମୃତଭଣ୍ଡାର ଉପକାରିତା

ସାଧାରଣତଃ କୌଣସି ବି ରୋଗ ପାଇଁ ଡାକ୍ତର ଆଡଭାଇସ୍ କରିଥାନ୍ତି ରୁଟି ସନ୍ତୁଳା କିମ୍ବା ଭାତ ଡାଲି ସନ୍ତୁଳା ଖାଇବାକୁ, ବିଶେଷକରି ଅମୃତଭଣ୍ଡା ସନ୍ତୁଳା ଖାଇବାକୁ । କିନ୍ତୁ ଆପଣ ଜାଣନ୍ତି କି ଅମୃତଭଣ୍ଡା ଦେହ ପାଇଁ କେତେ ଉପକାରୀ । କେଶଠୁ ଆରମ୍ଭ କରି ସ୍କିନ୍ ପର୍ଯ୍ୟନ୍ତ ସବୁ ପାଇଁ ଅମୃତଭଣ୍ଡା ମହୌଷଧୀ ଭଳି କାର୍ଯ୍ୟ କରିଥାଏ । ସ୍କିନକୁ କୋମଳ କରେ: ଅମୃତଭଣ୍ଡାକୁ ଭଲଭାବେ ବାଟି ବା ଗ୍ରାଇଣ୍ଡିଂ କରି ମୁହଁରେ ଲଗାନ୍ତୁ, ଏଥିରେ ରହିଥିବା ଏନଜାଇମ୍ସ ଡ୍ରାଏ ସ୍କିନ୍ ସମସ୍ୟା ଦୂର କରି ତ୍ୱଚାକୁ ନରମ ଏବଂ କୋମଳ କରିଦେବ । ଅମୃତଭଣ୍ଡାରେ ରହିଥିବା ତତ୍ତ୍ୱ ମୁହଁରେ ଥିବା କଳା ଦାଗ ସମସ୍ୟା ଦୂରକରି ସ୍କିନକୁ ଟୋନିଂ କରି ଦେଇଥାଏ । ଏକଥା ମଧ ସତ୍ୟ ଯେ ଅମୃତଭଣ୍ଡା ଏବଂ ତା'ର ଚୋପାକୁ ଗ୍ରାଇଣ୍ଡିଂ କରି ମୁହଁରେ କିଛି ସମୟ



ଲଗାଇ ଧୋଇଦେବା ଦ୍ୱାରା ସ୍କିନର ଲୋଚାପଣ ଦୂର ହୋଇ ଯାଇଥାଏ । ବଜାରରେ ମିଳୁଥିବା କେମିକାଲଯୁକ୍ତ କ୍ରିମ୍ ଠାରୁ ଏହା ନିଶ୍ଚିତ ଭଲ । ଏଥିରେ ଭିଟାମିନ୍ 'ସି' ଏବଂ ଭିଟାମିନ୍ 'ଏ' ପର୍ଯ୍ୟାପ୍ତ ମାତ୍ରାରେ ରହିଛି ଯାହା ଟେନିଂକୁ ହାଲୁକା କରିବା ସହିତ ସ୍କିନକୁ ଲାଇଟର ଟୋନ୍ କରିଥାଏ । କେଶ ସମସ୍ୟା ଦୂରକରେ: ଅମୃତ ଭଣ୍ଡାରେ ରହିଛି ପ୍ରଚୁର ପରିମାଣର ଫଲିକ ଏସିଡ୍, ଯାହା ହେୟାର ଫଲିକଲ୍ ଯାହା ଆସିଥିବା ବ୍ଲଡ ସର୍କୁଲେସନକୁ ସୁନ୍ଦର କରିଥାଏ ଏବଂ ଏହା କେଶ ବୃଦ୍ଧିରେ ସହାୟକ ହୋଇଥାଏ । ଯଦି ରୁପି ସମସ୍ୟା ରହିଛି ତ ଅମୃତଭଣ୍ଡା ମଞ୍ଜିକୁ ଗୁଣ୍ଡକରି କେଶ ମୂଳରେ ଲଗାଇବା ଦ୍ୱାରା ଡାଣ୍ଡଫ ସମସ୍ୟା ଦୂର ହୋଇଥାଏ । ଗୋଟିଏ କପ୍ ଅମୃତଭଣ୍ଡା ଏବଂ କିଛି ଦହି ନେଇ ପେଷ୍ଟ ପ୍ରସ୍ତୁତ କରି କେଶରେ ଲଗାନ୍ତୁ କେଶର ସଫ୍ଟନେସ୍ ଖୁବ୍ ବଢ଼ିଯିବା ସହ କେଶ ମଧ ହେଲଦୀ ରହିବ ଏବଂ ଗ୍ଲେଜ୍ କରିବ ।

## ଖାଦ୍ୟ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି

କୋଭିଡ୍ ସମୟରେ ରୋଗ ପ୍ରତିରୋଧକ ଶକ୍ତି ଆମକୁ ସୁରକ୍ଷା ଦିଏ । ଏହା ଗୋଟେ ଦିନରେ ବା ସପ୍ତାହରେ ସୃଷ୍ଟି ହୁଏ ନାହିଁ । ଉତ୍ତମ ଓ ସନ୍ତୁଳିତ ଖାଦ୍ୟ ଏବଂ ନିୟମିତ ବ୍ୟାୟାମ ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । କେଉଁ ଖାଦ୍ୟପେୟ ମାଧମରେ ଆମେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିବା, ତାହା ସମସ୍ତେ ଜାଣିବା ଉଚିତ୍ ।

ବର୍ତ୍ତମାନ କୋଭିଡ ଦ୍ରୁତ ଗତିରେ ଲୋକଙ୍କୁ ସଂକ୍ରମିତ କରୁଛି । ଅନେକ ରୋଗୀ ଏବେ ସଙ୍ଗରୋଧରେ ଅଛନ୍ତି । ଯେଉଁମାନେ ସଂକ୍ରମିତ ହେଉଛନ୍ତି, କିନ୍ତୁ ସ୍ୱାଭାବିକ ଭାବେ ଖାଇବା



ପିଇବା କଲା ଭଳି ସ୍ଥିତିରେ ଅଛନ୍ତି, ସେମାନେ ନିଜ ଖାଦ୍ୟପେୟର ଯତ୍ନ ନେବା ଉଚିତ । ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଇବା ଉଚିତ ନୁହେଁ । ପ୍ରତ୍ୟେକ ଦୁଇ ଘଣ୍ଟା ବ୍ୟବଧାନରେ ଓଆରଏସ ପାଣି ପିଇ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିବା ଉଚିତ । ଏହାଦ୍ୱାରା ଦୁର୍ବଳ ଲାଗିବନି । କାରଣ ଆମ ଶରୀରରେ ସବୁବେଳେ ଜଳୀୟ ଅଂଶ ସନ୍ତୁଳିତ ହୋଇ ରହିବା ନିହାତି ଦରକାର ଏବଂ ଏଥିପ୍ରତି ଆମେ ସତର୍କ ରହିବା ଆବଶ୍ୟକ । ଏହି ସମୟରେ ଅଧିକ ଚିନ୍ତାଗ୍ରସ୍ତ ହୁଅନ୍ତୁ ନାହିଁ । ମନରେ କୌଣସି ଆଶଙ୍କା ଥିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ତା' ସହ ନିଜ ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ । ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ରହିଛି । ଏହା ଦୃଢ଼ ରହିଲେ ଆମେ କେତେକ ରୋଗଠାରୁ ନିଜକୁ ଦୂରେଇ ରଖି ପାରିବା । ବିଶେଷ ଭାବରେ କୋଭିଡ ସମୟରେ ରୋଗ ପ୍ରତିରୋଧକ ଶକ୍ତି ଆମକୁ ସୁରକ୍ଷା ଦିଏ । ଗୋଟିଏ କଥା ଜାଣିବା ନିହାତି ଦରକାର । ତାହା ହେଲା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଗୋଟେ ଦିନରେ ବା ସପ୍ତାହରେ ସୃଷ୍ଟି ହୁଏ ନାହିଁ । ଉତ୍ତମ ଓ ସନ୍ତୁଳିତ ଖାଦ୍ୟ ଏବଂ ନିୟମିତ ବ୍ୟାୟାମ ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ତେଣୁ କେଉଁ ଖାଦ୍ୟପେୟ ମାଧମରେ ଆମେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ପାରିବା ତାହା ସମସ୍ତେ ଜାଣିବା ନିହାତି ଦରକାର । କୋଭିଡ୍ ବିପକ୍ଷରେ ମୂଳ ପ୍ରତିରୋଧକ ଶକ୍ତି ଭିଟାମିନ୍ ସି, ଡି ଏବଂ ଇ ରୁ ମିଳିଥାଏ । କ୍ୟାପସିକମ୍, ସଜନା ଶାଗ, କୋଶଳା ଶାଗ, କଞ୍ଚା ଲଙ୍କା, କମଳା, ଅଁଳା, ପିଜୁଳି, ଲେମ୍ବୁ ଆଦି ଫଳରେ ଭିଟାମିନ୍ 'ସି' ପ୍ରଚୁର ପରିମାଣରେ ଭରି ରହିଛି । ଭିଟାମିନ୍ 'ଡି' ସୂର୍ଯ୍ୟକିରଣ, କ୍ଷୀର ଜାତୀୟ ଖାଦ୍ୟ, ଇଲିଶି ଆଦି ସାମୁଦ୍ରିକ ମାଛରୁ ମିଳୁଥିବା ତେଲ ପଦାର୍ଥରୁ ମିଳିଥାଏ । ଭିଟାମିନ୍ 'ଇ' ବାଦାମ, ସୂର୍ଯ୍ୟମୁଖୀ ମଞ୍ଜି, କଖାରୁ ଆଦିରୁ ମିଳିଥାଏ । ବର୍ତ୍ତମାନ ଏହିସବୁ ଖାଦ୍ୟକୁ ଆମ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ଦରକାର । ତା ସହ ସକାଳୁ ଉଠିଲା ପରେ ଆମେ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଲେମ୍ବୁ ଚପୁଡି ପିଇ ପାରିବା । ଏହିସବୁ ଖାଦ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାନ୍ତି । ହଳଦୀ, ଲବଙ୍ଗ, ଗୁଜୁରାତି ମଧ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାନ୍ତି । ସନ୍ତୁଳିତ ଖାଦ୍ୟ ଖାଇବା, ନିୟମିତ ବ୍ୟାୟାମ କରିବା, ମାନସିକ ଦୁଶ୍ଚିନ୍ତାରୁ ନିଜକୁ ମୁକ୍ତ ରଖିବା ହିଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର ମୂଳମନ୍ତ୍ର । ଏହାହିଁ ଆମକୁ କୋଭିଡ୍ ଭଳି ଭୂତାଣୁ ଠାରୁ ସୁରକ୍ଷା ଦେବ । ତା ସହ ବର୍ତ୍ତମାନ ଆମେ କୋଭିଡ୍ ଗାଇଡ୍ ଲାଇନ୍ ମାନିବା । ବାହାରକୁ ଗଲେ ମାସ୍କ ପିନ୍ଧିବା, ନିୟମିତ ସମୟ ଅନ୍ତରାଳରେ ହାତକୁ ସାନିଟାଇଜ କରିବା, ନିଜର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଅଧିକ ଦୃଷ୍ଟି ଦେବା ଏବଂ ସାମାଜିକ ଦୂରତ୍ୱ (ସୋସିଆଲ ଡିଷ୍ଟାନ୍ସ) ପାଳନ କରିବା । ଏସବୁ ଦ୍ୱାରା ଆମେ କରୋନାଠାରୁ ନିଜକୁ ସୁରକ୍ଷିତ ରଖିପାରିବା ।

## ଆପଣ ଜାଣନ୍ତି କି ?

- ଦୁନିଆର ପ୍ରଥମ ଇନଷ୍ଟାଣ୍ଟ କଫି ନେସକାଫେ ସ୍ୱିଜରଲ୍ୟାଣ୍ଡରେ ଆରମ୍ଭ ହୋଇଥିଲା ।
- ଥାଇଲ୍ୟାଣ୍ଡର ନାଁ ଆପଣମାନେ ନିଶ୍ଚୟ ଶୁଣିଥିବେ । ହେଲେ ପୂର୍ବରୁ ଏହାର ନାଁ ଥାଇଲ୍ୟାଣ୍ଡ ନ ଥିଲା । ଏହା ସିୟାମ ନାମରେ ଜଣାଥିଲା । ୧୯୪୮ ରେ ଏହାର ନାମ ପରିବର୍ତ୍ତନ କରାଯାଇ ଥାଇଲ୍ୟାଣ୍ଡ ରଖାଯାଇଥିଲା ।
- ଭାରତରେ ଅନୁଷ୍ଠିତ ହେଉଥିବା କୁମ୍ଭ ମେଳା ଦୁନିଆର ସବୁଠୁ ବଡ଼ ଧାର୍ମିକ ମେଳା । ଏହି ମେଳାକୁ ଅନ୍ତରୀକ୍ଷରୁ ମଧ ଦେଖି ହୋଇଥାଏ ।



- ସାରା ବିଶ୍ୱରେ ସବୁଠୁ ଅଧିକ ଡାକଘର ଭାରତରେ ଦେଖିବାକୁ ମିଳିଥାଏ । ଉତ୍ତର କୋରିଆ ନିଜସ୍ୱ ରକେଟର ଆରମ୍ଭ ୨୦୦୯ ରେ କରିଥିଲା ।
- ୧୯୭୯ ରେ ପ୍ରଥମ ଥର ଏଲବିଡବ୍ଲୁ (ଲେଗ୍ ବିଫୋର ଓ୍ୱିକେଟ୍) ନିୟମ କରାଯାଇଥିଲା ।
- ବ୍ଲୁଟୁଥର ନାମ ଡେନମାର୍ଗର ଦ୍ୱିତୀୟ ରାଜା ହରନାଲ୍ଡ ବ୍ଲୁଟୁଥଙ୍କ ନାମରେ ରଖାଯାଇଛି ।
- କୌଣସି ସୁନ୍ଦରୀ ଝିଅଙ୍କୁ ଦେଖିବା ପରେ ମନରେ ଯଦି ଭୟ ସୃଷ୍ଟି ହୁଏ ତେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହି ଭୟକୁ ମନସ୍ତାତ୍ତ୍ୱିକ ଭାଷାରେ କାଲିଜିନେଫୋବିଆ କୁହାଯାଏ ।

## କହିପାରିବେ କି ?

୧) କିଏ ନୀଳ ଲିଟ୍‌ମସ୍‌କୁ ଲାଲ୍ କରିଦିଏ ?
(୨) ଲିଟ୍‌ମସ୍ ଦ୍ରବଣର ରଙ୍ଗ କିପରି ?
(୩) ଟୁଥ୍‌ପେଷ୍ଟଗୁଡିକ ସାଧାରଣତଃ କ'ଣ ଅଟନ୍ତି ?
(୪) ଏନ୍‌ଜାଇମ୍ କେଉଁଥିରେ ତିଆରି ?
(୫) କେଉଁ ପ୍ରାଣୀର ବତକ ପରି ଅଣ୍ଟ ଥାଏ ?
(୬) ଜଳର ଉପରିଭାଗରେ ଭାସୁଥିବା ବା ପହଁରୁଥିବା ଜୀବମାନଙ୍କୁ କ'ଣ କୁହାଯାଏ ?
(୭) ଭାରତୀୟ ବନ୍ୟଜନ୍ତୁ ବୋର୍ଡ ନାମକ ସଂସ୍ଥା କେବେ ଗଠିତ ହୋଇଥିଲା ?
(୮) ଉଦ୍ଭିଦର ଅନୁବଂଶୀୟ ପଦାର୍ଥ କ'ଣ ?
(୯) କେଉଁ ଉଦ୍ଭିଦର ପୁଷ୍ଟିସାର ପ୍ରାଣୀଜ ପୁଷ୍ଟିସାର ସହ ତୁଳନୀୟ ?
(୧୦) କେଉଁ ଜୀବର ଅନୁବଂଶୀୟ ପଦାର୍ଥ ଆର.ଏନ୍.ଏ ?

### JUMBLE WORDS

| | | | |
|---|---|---|---|
| 1) DOVIE | = | 6) TIYKT | = |
| 2) LORDL | = | 7) FLANIE | = |
| 3) DMULED | = | 8) DHENDI | = |
| 4) TUAARM | = | 9) RACYR | = |
| 5) RUBLT | = | 10) SUDEO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧.ଭାଦଲା ସୋଲାର ପାର୍କ, ୨. ମୁମ୍ବାଇରୁ ଥାନେ ମଧରେ, ୩. ଉପରାଷ୍ଟ୍ରପତି, ୪. କାରାବତି, ୫.ପେଚା, ୬. କିଓ୍ୱି, ୭. ଗାଲିସି, ୮. କର୍ଣ୍ଣାଟକ, ୯. ଡଲଫିନ, ୧୦. କିଙ୍ଗ କୋବରା ।

***Jumble Words*** ର ଉତ୍ତର **:-**

(1) GOVERN (2) WEASEL (3) CHEEP (4) SCARF (5) UNTOLD (6) PLURAL (7) CAMEO (8) SOUPY (9) INJURE (10) STANZA

# ସମ୍ପାଦକୀୟ ନୀତି ସଂସ୍କାର

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଯେଉଁ ଗଣମାଧ୍ୟମ ସମୀକ୍ଷକମାନେ ଭାରତୀୟ ପରିବେଶରେ କୌଣସି ସମ୍ବାଦପତ୍ରର ପତନ ନିରୀକ୍ଷଣ କରିବା ସୁଯୋଗ ପାଇଛନ୍ତି। ସେମାନଙ୍କ ଅନୁଭୂତିରେ ବିପଦ ସମ୍ମୁଖୀନ ସମ୍ବାଦପତ୍ରର ଅବସ୍ଥା ମଝି ସମୁଦ୍ରରେ ବୁଡ଼ି ଯାଉଥିବା ଜାହାଜ ସଦୃଶ୍ୟ। ଏହି ପରିପ୍ରେକ୍ଷୀରେ ସମସ୍ତ ସୂତ୍ରରୁ ସହାୟତା ହଠାତ ଉଭେଇଯାଏ। ଜାହାଜର ନାବିକଗଣ ନିଜ ଆଶ୍ରୟସ୍ଥଳୀକୁ ପ୍ରତିକୂଳ ପରିବେଶକୁ ଠେଲି ଦେବାରେ ପ୍ରତ୍ୟେକେ ଊଣା-ଅଧିକେ ଦାୟୀ ରହିଥିବା ହେତୁ ଜାହାଜକୁ ବୁଡ଼ିଯିବାରୁ ଉଦ୍ଧାର କରିବାରେ ବିଶେଷ କିଛି କରିପାରନ୍ତି ନାହିଁ।

ଅବଶ୍ୟ କପ୍ତାନଙ୍କ ପକ୍ଷରୁ ପ୍ରଚଳିତ ପରିଚାଳନା ନୀତିର ବ୍ୟାପକ ପରିବର୍ତ୍ତନ ଯଦି ଯୁକ୍ତିଯୁକ୍ତ-ସର୍ବସମ୍ମତ-ସ୍ୱଚ୍ଛ ପଦକ୍ଷେପମାନ ଗ୍ରହଣ କରାଯାଏ। ତେବେ ସୁରକ୍ଷାର ଆଶା ସଞ୍ଚାର ହୋଇଥାଏ। ପାରିପାର୍ଶ୍ୱିକ କାରଣଗୁଡ଼ିକ ବିପଦ ଆଣି ଦେଇଥିବା ସ୍ଥଳେ ତାହାର ମୁକାବିଲା ନିମନ୍ତେ ଯୋଜନାବଦ୍ଧ ଉଦ୍ୟମ ଅନ୍ତତଃପକ୍ଷେ କେତେକାଂଶରେ ଯେ ନିଶ୍ଚିତ ଭାବେ ଫଳପ୍ରଦ ହୋଇଥାଏ, ଏଥିରେ ସନ୍ଦେହ ନାହିଁ।

ସମକାଳରେ ମୁଦ୍ରିତ ସମ୍ବାଦପତ୍ର ପ୍ରକାଶନରେ ବିପର୍ଯ୍ୟସ୍ତ ଅବସ୍ଥା ନିମନ୍ତେ ସମ୍ପାଦକୀୟ ଓ ବ୍ୟାବସାୟିକ ନୀତି ଉଭୟ ଦାୟୀ। ବଜାରରେ ବିଜ୍ଞାପନ ବ୍ୟୟ ହ୍ରାସ, ଦେଶରେ ଆର୍ଥିକ ମାନ୍ଦାବସ୍ଥାଜନିତ ପାରିବାରିକ ଖର୍ଚ୍ଚକାଟ ଓ ସମ୍ବାଦପତ୍ରର ମୂଲ୍ୟ ବୃଦ୍ଧି କାରଣରୁ ଗ୍ରାହକ ହାନୀ କିମ୍ବା ପ୍ରତିଯୋଗୀ ସମ୍ବାଦ ମଞ୍ଚଗୁଡ଼ିକର ବୈଷୟିକ ଆଧିପତ୍ୟକୁ ନିୟନ୍ତ୍ରଣ କରିବା କ୍ଷମତା ସମ୍ବାଦପତ୍ରର ନଥାଏ। କୌଣସି ସମ୍ବାଦପତ୍ର ନିଜର ଆକାର, ଇତିହାସ ଓ ପ୍ରତିପତ୍ତି ହେତୁ ଏଭଳି ସମସ୍ୟାଗୁଡ଼ିକ ଦ୍ୱାରା ଯେ କ୍ଷତିଗ୍ରସ୍ତ ହେବ ନାହିଁ, ତାହା ବିଚାର କରିବା ଭୁଲ। ଏହି ତତ୍ତ୍ୱ ପ୍ରାଦୁର୍ଯ୍ୟକାଳରେ ଅଦୃଶ୍ୟବୋଧ ହେଉଥିବା ବେଳେ ଅଭାବ ସମୟରେ ଗୋଟି ଗୋଟି କରି ଗଣିହୁଏ। ଅବସ୍ଥା ସୁଧାରିବା ଉଦ୍ୟମରେ ପ୍ରାଥମିକଭାବେ ସମ୍ବାଦପତ୍ର ଗୁଡ଼ିକର ନିଜସ୍ୱ ସମ୍ପାଦକୀୟ ନୀତିର ସଂସ୍କାର ଅବ୍ୟବସ୍ଥାର ବିଷଚକ୍ର ସଜାଡ଼ିବାରେ ସମର୍ଥ ହୋଇପାରେ ବୋଲି ବିଶ୍ୱାସ କରାଯାଏ।

ଆଧୁନିକ ଯୁଗରେ ସମ୍ବାଦମଞ୍ଚଗୁଡ଼ିକୁ ଗଣତନ୍ତ୍ର ସୁରକ୍ଷାର ପ୍ରମୁଖ ଆୟୁଧ ବିବେଚନା କରାଯାଉଥିବା ହେତୁ ପ୍ରତ୍ୟେକ ସମ୍ବାଦପତ୍ରର ସମ୍ପାଦକୀୟ ନୀତି ନିର୍ଦ୍ଧାରଣ ଗଣତାନ୍ତ୍ରିକ ପଦ୍ଧତିରେ ସମାହିତ ହେବା ଯୁକ୍ତିଯୁକ୍ତ। ଏକବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକରେ ଉଭୟ ସମ୍ପାଦନା, ବ୍ୟବସାୟ ଓ ବୈଷୟିକ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ବ୍ରିଟେନର 'ଦି ଗାର୍ଡିଆନ' ସମ୍ବାଦପତ୍ରର ମୁଖ୍ୟ-ସମ୍ପାଦକଙ୍କୁ ସମ୍ବାଦ ସଂସ୍ଥାରେ କାର୍ଯ୍ୟରତ ଏକ ହଜାର କର୍ମଚାରୀ ଭୋଟ ଦେଇ ନିର୍ବାଚିତ କରିଥାନ୍ତି। ଏହି ସମ୍ବାଦପତ୍ର ୨୦୨୧ ମେ' ପ୍ରଥମ ସପ୍ତାହରେ ଦୁଇଶତ ଜନ୍ମ ବାର୍ଷିକୀ ପାଳନ କରିଛି ଏବଂ ଏହାର ଗ୍ରାହକ ଚାନ୍ଦା ତଥା ବଦାନ୍ୟତା ଆୟ ବିଜ୍ଞାପନ ଆୟଠାରୁ ଅଧିକ। ଏତାଦୃଶ ଜୀବନ୍ତ ଉଦାହରଣରୁ ଅତ୍ୟାଧୁନିକ ସମ୍ବାଦପତ୍ର ଅର୍ଥନୀତି ସଂପର୍କୀତ ବହୁକଥା ଆମର ଶିଖିବାର ରହିଛି।

ଯେକୌଣସି ସମ୍ବାଦ ମଞ୍ଚର ସମ୍ପାଦନା ନୀତି ସଂସ୍କାର ଅବସରରେ ସଂପୃକ୍ତ ସଂସ୍ଥାର ସମସ୍ତ ସମ୍ବାଦକର୍ମୀଙ୍କ ସହମତି ଅନିର୍ବାର୍ଯ୍ୟ। କାରଣ କୌଣସି ପରିବର୍ତ୍ତନ ପ୍ରତି ସେମାନେ ବିମୁଖ ହେଲେ ସେଗୁଡ଼ିକର ପ୍ରୟୋଗ ପ୍ରତି ଉଦାସୀନ ରହିବେ ଏବଂ ପ୍ରତ୍ୟେକ କର୍ମଚାରୀ ସମ୍ବାଦପତ୍ରର ଅଂଶ ବିଶେଷ ହୋଇଥିବା ହେତୁ ପ୍ରସ୍ତାବିତ ଯୋଜନାର ସଫଳ ରୂପାୟନରେ ଅନ୍ତରାୟ ସୃଷ୍ଟି ହେବ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ଯେତିକି ପ୍ରସ୍ତାବରେ କର୍ମଚାରୀମାନେ ସହମତ ହେବେ, ଅନ୍ତତଃପକ୍ଷେ ସେତିକି ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରିଲେ ସୁଫଳ ମିଳିପାରିବ।

ପରିଚାଳନା ଶାସ୍ତ୍ର ବିଧିରେ ପ୍ରତ୍ୟେକ ବିଷୟର ଲିଖିତ ଆକାର ପ୍ରତି ଗୁରୁତ୍ୱାରୋପ କରାଯାଉଛି। ଏପରିକି ଜଣେ ଅନ୍ୟ ଜଣକ ପ୍ରତି କ୍ରୋଧାନ୍ୱିତ ହୋଇପଡ଼ିଲେ ମୂଳ ବ୍ୟକ୍ତିଙ୍କୁ କୁହାଯାଉଛି ତୁମେ କେଉଁ ସବୁ ଅବଗୁଣ ବିରୋଧରେ ପ୍ରତିକ୍ରିୟାଶୀଳ ତାହା ଗୋଟି ଗୋଟି କରି ଲେଖ ଓ ସେସବୁରେ ନିଜେ ପ୍ରଭାବିତ ନହେବାର ବାଟ ଖୋଜ। ମୁହୂର୍ତ୍ତକ ମଧ୍ୟରେ ଉପାୟ ମିଳିଯିବ। କ୍ରୋଧ ପ୍ରକାଶ ବଦଳରେ ଚାତୁର୍ଯ୍ୟ ଉପଯୋଗରେ ନାପସନ୍ଦ ତତ୍ତ୍ୱଠାରୁ ଦୂରେଇ ରୁହ।

ସମ୍ବାଦପତ୍ର ଏକ ବଡ଼ ସଂସ୍ଥା। କେତେ ସଂଖ୍ୟକ କର୍ମଚାରୀ, କେତେ ସଂଖ୍ୟକ ପାଠକ ଏହାର ଉତ୍ପାଦ ଉପରେ ଦୈନନ୍ଦିନ କେତେ ସମୟ ବିନିଯୋଗ କରିଥାନ୍ତି। କିନ୍ତୁ ଏହାର କାର୍ଯ୍ୟଶୈଳୀ ସଂପର୍କରେ ଖଣ୍ଡେ କାଗଜ ଡୁକୁଡ଼ା ଅଭାବ! ଏକବିଂଶ ଶତାବ୍ଦୀର ତୃତୀୟ ଦଶକ ଆରମ୍ଭରେ ଏହା ଅନ୍ୟ ଏକ ଆଶ୍ଚର୍ଯ୍ୟ ନୁହେଁ କି?

ସମ୍ପାଦକୀୟ ନୀତି ସଂସ୍କାର ପ୍ରକ୍ରିୟାରେ, ପ୍ରଥମତଃ, ଆମକୁ ତୁରନ୍ତ 'ଶୃତି' ଯୁଗରୁ 'ସାର୍ବଜନୀନ-ଅନଲାଇନ-ଲିପିବଦ୍ଧ' ଅବସ୍ଥାକୁ ଉନ୍ନୀତ ହେବାକୁ ପଡ଼ିବ। ସମ୍ପାଦକୀୟ ନୀତି ସମସ୍ତ ସମ୍ବାଦକର୍ମୀଙ୍କ ସହମତିରେ ପ୍ରସ୍ତୁତ ହୋଇ ସାର୍ବଜନୀନ ହେବାପରେ ଏହାର କାର୍ଯ୍ୟକାରିତା ତଥା ଉଲଂଘନ ଅନ୍ତତଃ ମାସିକସ୍ତରରେ ସମୀକ୍ଷାର ସୁଯୋଗ ସୃଷ୍ଟି କରିବାକୁ ପଡ଼ିବ। ସମୟକ୍ରମେ ଏହାର ସଂଶାଧନ ଓ ପରିମାର୍ଜନା ପ୍ରତି ଗୁରୁତ୍ୱ ଦିଆଯାଇପାରିଲେ ଏହା ଏକ ଗତିଶୀଳ ଦଲିଲ 'ଇଭଲଭିଂ ଡ଼କ୍ୟୁମେଣ୍ଟ'ରେ ପରିଣତ ହେବ।

ଦ୍ୱିତୀୟତଃ, ବିଭିନ୍ନ ଐତିହାସିକ କାରଣରୁ ସମ୍ବାଦ ମଞ୍ଚଗୁଡ଼ିକରେ ସମ୍ପାଦକୀୟ 'ଏଡ଼ିଟୋରିଆଲ' ଓ ପ୍ରାୟୋଜିତ 'ଏଡ଼ଭାଟୋରିଆଲ' ଉଭୟ ସମ୍ବାଦ ପ୍ରକାଶିତ ହୋଇଥାଏ। ଏହି ଦୁଇ ବର୍ଗର ସଂଜ୍ଞା, କାର୍ଯ୍ୟକାରିତା ଓ ଉପାଦେୟତା ତର୍ଜମାକୁ ବାଦ ଦେଲେ, ପ୍ରାୟୋଜିକ ସମ୍ବାଦ ଅର୍ଥାତ ଅର୍ଥ, କ୍ଷମତା ଓ ଚାପ ବିନିମୟରେ ପ୍ରଚାରଧର୍ମୀ ସମ୍ବାଦ ପ୍ରକାଶନ ଧାରାକୁ ଅନ୍ତତଃପକ୍ଷେ ଘଡ଼ିସନ୍ଧି ମୁହୂର୍ତ୍ତରେ ଅସ୍ୱୀକାର କିମ୍ବା ବିରୋଧ ବଦଳରେ ସହବସ୍ଥାନ ପରିବେଶ ସୃଷ୍ଟିରେ କିପରି ସମ୍ବାଦପତ୍ରର ସ୍ୱାର୍ଥ ସଂରକ୍ଷଣରେ ବିନିଯୋଗ କରାଯାଇ ପାରିବ ସେ ଦିଗରେ ଧ୍ୟାନ ଦେବାକୁ ପଡ଼ିବ।

ସମ୍ପାଦକୀୟ ସମ୍ବାଦ ସହ ପ୍ରାୟୋଜିତ ସମ୍ବାଦ ଏକତ୍ର ପ୍ରକାଶ ନକରି ପ୍ରାୟୋଜିତ ସମ୍ବାଦ ନିମନ୍ତେ ସ୍ୱତନ୍ତ୍ର ପୃଷ୍ଠା ନିର୍ଦ୍ଧାରଣ ଏହି ସମସ୍ୟାରୁ ଦୂରେଇ ଯିବାରେ ପ୍ରାଥମିକ ପ୍ରୟାସ ବିଚାର କରାଯାଇପାରେ। ପ୍ରାୟୋଜିତ ସମ୍ବାଦ ପୃଷ୍ଠା ସଂପର୍କରେ ପାଠକଙ୍କୁ ସୂଚିତ କରାଯାଇ ପାରିଲେ ଏହା ସାମ୍ବାଦିକତା ନୈତିକତାର ବିରୋଧ ହେବ ନାହିଁ। କାରଣ ବିଜ୍ଞାପନ ସମ୍ବାଦପତ୍ର ପ୍ରକାଶନର ଅଂଶବିଶେଷ ଏବଂ ଏଦିଗରେ ପ୍ରକାଶ୍ୟରେ ସମ୍ପାଦକୀୟ ସେବା ଯୋଗାଣ ଦୋଷାବହ ନୁହେଁ।

ପ୍ରତ୍ୟେକ ପ୍ରାୟୋଜିତ ସମ୍ବାଦ ଦେୟଯୁକ୍ତ ହେବା ଏବଂ ସମ୍ବାଦପତ୍ର ପକ୍ଷରୁ ରସିଦ ଦେଇ ଅର୍ଥ ଗ୍ରହଣ କରାଯିବା ଉଚିତ। ବିଜ୍ଞାପନ ଆୟ ହ୍ରାସ କାଳରେ ପ୍ରାୟୋଜିତ ସମ୍ବାଦ ପ୍ରକାଶନ ସଂସ୍ଥାର ଆୟ ପର୍ଯ୍ୟାୟଭୁକ୍ତ ହେଲେ ଏକ ବିକଳ୍ପ ସୂତ୍ର ରୂପେ ବିକଶିତ ହୋଇପାରିବ।

ତୃତୀୟତଃ, ପ୍ରେସ ବିଜ୍ଞପ୍ତି-ଆଶ୍ରିତ ସାମ୍ବାଦିକତାକୁ ନିରୁତ୍ସାହିତ କଲେ ଯାଇ ସମ୍ବାଦପତ୍ରରେ ମୌଳିକତା ପରିସ୍ଫୁଟିତ ହେବ। ସାମ୍ବାଦିକମାନେ ପ୍ରେସ ବିଜ୍ଞପ୍ତିଗୁଡ଼ିକୁ ସମ୍ବାଦର ଉତ୍ସ ଭାବେ ଗ୍ରହଣ କରିପାରନ୍ତି, କିନ୍ତୁ ସାମାନ୍ୟ ସଂଶାଧନ କରି ପ୍ରକାଶନରୁ ବିରତ ରହିଲେ ଯାଇ ନିଜ ସମ୍ବାଦପତ୍ର ପୃଷ୍ଠାରେ ବିକଳ୍ପ ସମ୍ବାଦ ପ୍ରକାଶନ ନିମନ୍ତେ ସୁଯାଗ ସୃଷ୍ଟି କରିପାରିବେ।

ସେହିପରି ଯାହା ଘଟିଛି ତାହା ସମ୍ବାଦ। ଯାହା ଘଟିବାକୁ ଯାଉଛି ତାହା ସବୁ ସମୟରେ ସମ୍ବାଦ ନ ହୋଇ ପାରେ। ଜନଜୀବନକୁ ପ୍ରଭାବିତ କରୁଥିବା ଭବିଷ୍ୟତ ଯୋଜନାଗୁଡ଼ିକ କାଁ ଭାଁ ସମ୍ବାଦ ରୂପେ ଗ୍ରହଣ କରାଯାଇପାରେ। ପ୍ରେସ ବିଜ୍ଞପ୍ତି-ଆଶ୍ରିତ ସମ୍ବାଦ ଗୁଡ଼ିକ ପ୍ରାୟୋଜିତ ସମ୍ବାଦ ରୂପେ ପ୍ରକାଶନ ନିମନ୍ତେ ସମ୍ବାଦ ସୂତ୍ରଗୁଡ଼ିକୁ ପ୍ରଚାରିତ କଲେ ସମ୍ବାଦପତ୍ରର ଆୟବୃଦ୍ଧିରେ ସହାୟକ ହେବ।

ଚତୁର୍ଥତଃ, ଜନଜୀବନର ସମସ୍ୟାଗୁଡ଼ିକୁ ଚିହ୍ନଟ କରି କ୍ରମାଗତ ଭାବେ ଗୋଟିଏ ପରେ ଗୋଟିଏ ସଂପର୍କରେ ଆଲୋକପାତ, ଚର୍ଚ୍ଚା ଓ ସମାଧାନ ନିମନ୍ତେ ସୁଯୋଗ ସୃଷ୍ଟି ସମ୍ବାଦମଞ୍ଚଗୁଡ଼ିକର ମୌଳିକ ଧର୍ମ। ପରିବର୍ତ୍ତିତ ଗଣମାଧ୍ୟମ ପରିବେଶରେ ସମ୍ବାଦପତ୍ରର ମୁଦ୍ରିତ ପୃଷ୍ଠାର ସ୍ଥାୟିତ୍ୱ କାରଣରୁ ସରକାରୀ ଓ ବେସରକାରୀ ଉଭୟ ସ୍ତରରେ ଚାପ ପ୍ରୟୋଗ ନିମନ୍ତେ ଅନ୍ୟାନ୍ୟ ମଞ୍ଚଗୁଡ଼ିକ ତୁଳନାରେ ପ୍ରଭାବଶାଳୀ ପ୍ରମାଣିତ। ଏହି ବିଭବକୁ ଉପଯୋଗ କରି ସାମାଜିକସ୍ତରରେ ନିଜର ପ୍ରଭୁତ୍ୱ ବିସ୍ତାର କରିବା ନିମନ୍ତେ ସମ୍ବାଦପତ୍ରଗୁଡ଼ିକ ପକ୍ଷେ ପ୍ରଶସ୍ତ ସୁଯୋଗ ରହିଥାଏ। ସମ୍ବାଦ ମଞ୍ଚଗୁଡ଼ିକ ବିଶ୍ୱସନୀୟତା ହରାଉଥିବା ଅବସରରେ ଏ ଦିଗରେ ଯୋଜନାବଦ୍ଧ ଭାବେ ସମ୍ପାଦକୀୟ ନୀତି ସଂସ୍କାର ସୁଫଳ ପ୍ରଦାନ କରିବ।

ଏକ ପକ୍ଷରେ ସାର୍ବଜନୀନ ସମସ୍ୟାବଳୀ ଚର୍ଚ୍ଚାରେ ପାଠକ ସଂଖ୍ୟା ବୃଦ୍ଧି ଆଶା କରାଯାଉଥିବା ସ୍ଥଳେ ଅପରପକ୍ଷେ ବ୍ୟକ୍ତି ବିଶେଷ କିମ୍ବା ଗୋଷ୍ଠୀକେନ୍ଦ୍ରୀକ ସମସ୍ୟାବଳୀ ସଂପର୍କରେ ଆଲୋକପାତ କରିବା ନିମନ୍ତେ ମଧ ସୁଯୋଗ ସୃଷ୍ଟି କରାଯାଇପାରେ। କେତେକ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ୱାର୍ଥ ସୁରକ୍ଷା ନିମନ୍ତେ ଜନସଚେତନ ଓ ପ୍ରଶାସନିକ ଚାପ ସୃଷ୍ଟି ଲାଗି ସର୍ବସାଧାରଣରେ ସମସ୍ୟା ପ୍ରକାଶନ ଆବଶ୍ୟକ ପଡ଼ିଥାଏ। ପ୍ରଚଳିତ ବ୍ୟବସ୍ଥାରେ ନାଗରିକମାନେ ଏହି ସୁବିଧା ସହଜରେ ଖୋଜି ପାଆନ୍ତି ନାହିଁ।

ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକ ଏହି ଦିଗରେ ଦେୟଯୁକ୍ତ ସମ୍ପାଦକୀୟ ସେବା ଯୋଗାଇ ପ୍ରାୟୋଜିତ ସମ୍ବାଦ ଆକାରରେ ସମସ୍ୟା ପ୍ରକାଶନ ଆଗ୍ରହୀ ନାଗରିକଙ୍କ ଦାବି ଉପସ୍ଥାପନ ସୁଯୋଗ ସୃଷ୍ଟି ଓ ସମ୍ବାଦ ସଂସ୍ଥାର ଆୟବୃଦ୍ଧି ଉଭୟ ଦିଗରୁ ହିତକର ସାବ୍ୟସ୍ତ ହେବ। ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ସମସ୍ୟା ଯୁକ୍ତିଯୁକ୍ତ ଥିଲେ, ସମ୍ବାଦପତ୍ର ସହ ଆର୍ଥିକ କାରବାରରେ ସ୍ୱଚ୍ଛତା ରହିଲେ ଏବଂ ପାଠକମାନଙ୍କୁ ଏହା ପ୍ରାୟୋଜିତ ସମ୍ବାଦ ବୋଲି ସୂଚାଇ ଦିଆଯାଇ ପାରିଲେ ସାମ୍ବାଦିକତା ନୈତିକତା ଉଲଂଘନ କରିବ ନାହିଁ। ପରନ୍ତୁ ଗଣତାନ୍ତ୍ରିକ ପଦ୍ଧତିରେ ସର୍ବସାଧାରଣରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଶାଣିତ କରିବ।

ପଞ୍ଚମତଃ, ମୁଦ୍ରିତ ସମ୍ବାଦପତ୍ରରେ ସମ୍ପାଦକୀୟ ଓ ପ୍ରାୟୋଜିତ ସମ୍ବାଦର ସ୍ୱଚ୍ଛ ବର୍ଗୀକରଣ ଏବଂ ଏ ଦିଗରେ ସମ୍ପାଦକୀୟ ନୀତିର କଠୋର ଅନୁପାଳନ ଗ୍ରାହକ ଚାନ୍ଦା ଓ ବିଜ୍ଞାପନ ରାଜସ୍ୱ ବୃଦ୍ଧିରେ ପର୍ଯ୍ୟବସିତ ହେବା ହିସାବ କରାଯାଇପାରେ। ଯେଉଁ ସମ୍ବାଦ ସାର୍ବଜନୀନ ହିତରେ ଲାଗେ ତାହା ସମ୍ପାଦକୀୟ ଓ ଯେଉଁ ସମ୍ବାଦ ସଂପୃକ୍ତ ସୂତ୍ରର ସ୍ୱାର୍ଥସାଧନରେ ଲକ୍ଷ୍ୟବଦ୍ଧ ତାହା ବିଜ୍ଞାପନ। ବ୍ୟବହାରଯୋଗ୍ୟ ସମ୍ବାଦ ପ୍ରକାଶନରେ ଅଧିକ ଗ୍ରାହକ ସୃଷ୍ଟି ଫଳରେ ଗ୍ରାହକ ଚାନ୍ଦା ଆୟ ଏବଂ ପ୍ରଚାରଧର୍ମୀ ସମ୍ବାଦ ପ୍ରକାଶନରେ ସମ୍ବାଦ ମଞ୍ଚର ବିଜ୍ଞାପନ ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଥାଏ।

ଏଥିରେ ଅସ୍ୱଚ୍ଛଭାବେ ବୁଝାମଣା ହେଲେ ନା ଉପରୋକ୍ତ ନା ସମ୍ବାଦପତ୍ର, କେବଳ ତୃତୀୟପକ୍ଷ ଲାଭବାନ ହୋଇଥାନ୍ତି। ଏହା ସର୍ବଜନବିଦିତ ହେଲେ ହେଁ ଦୀର୍ଘ ଉଦାସୀନତା କାରଣରୁ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକ ବଡ଼ଧରଣର ରାଜସ୍ୱ ହରାଉଛନ୍ତି ବୋଲି ମାନିନେବାକୁ ପଡ଼ିବ। ସମ୍ପାଦକୀୟ ନୀତି ସଂସ୍କାର ଏହାର ପ୍ରତିକାର ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ ବୋଲି ବିଶ୍ୱାସ।

ମହାମାରୀ-ପର ଗଣମାଧ୍ୟମ ପରିବେଶରେ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକର ଆୟ ବୃଦ୍ଧି ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ବିଭିନ୍ନ କାରଣରୁ ଦୁଇ ଶହ ବର୍ଷ ଧରି ପ୍ରଚଳିତ ବିଜ୍ଞାପନ ଆଶ୍ରିତ ମଡ଼େଲ ଭୁଷୁଡ଼ି ପଡ଼ିବା ଅବସ୍ଥାରେ ବିକଳ୍ପ ବ୍ୟାବସାୟିକ ମଡ଼େଲ ଖୋଜା ପଡ଼ିଛି। ସମ୍ବାଦ ମଞ୍ଚଗୁଡ଼ିକ ପରିଚାଳନାଗତ ସମକାଳୀନ ସ୍ଥିତାବସ୍ଥା ବିଚାରକୁ ନେଲେ ବ୍ୟାବସାୟିକ-ବିଜ୍ଞାପନ ହ୍ରାସରେ ସାମାଜିକ-ବିଜ୍ଞାପନ ଆୟ ପ୍ରତି ଯତ୍ନବାନ ହେବା ଏକ ସମାଧାନର ପନ୍ଥାଭାବେ ବିଚାର କରାଯାଇପାରେ।

## କରୋନା ପରିଚାଳନା ପାଇଁ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମହାମାରୀ ସମୟରେ ମତଭେଦ ଭୁଲି ସାରା ଦେଶ ଏକାଠି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ । ମହାମାରୀ ମୁକାବିଲା ନିମନ୍ତେ କେନ୍ଦ୍ର ସରକାରଙ୍କୁ ସମସ୍ତ ସହଯୋଗ କରିବାକୁ ନବୀନ ନିଜ ପକ୍ଷରୁ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାକାଳରେ ନବୀନଙ୍କ ଏହି ଆହ୍ୱାନ ତାଙ୍କୁ ସାରା ଦେଶରେ ଜନନେତାର ମାନ୍ୟତା ଦେଇଥିଲା । ଅନ୍ୟ ନେତାମାନଙ୍କ ପରି ନବୀନ ସମାଲୋଚନା ରାଜନୀତି ଠାରୁ ଦୂରରେ ରହି ନିରବରେ ଓଡ଼ିଶାର କୋଭିଡ ମୁକାବିଲା ନିମନ୍ତେ ଯେଉଁ ନିରବଚ୍ଛିନ୍ନ ଉଦ୍ୟମ ଚଳାଇଛନ୍ତି ତାହାକୁ ଉଚ୍ଚ ପ୍ରଶଂସା କରିଛନ୍ତି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନୀ । ଶ୍ରୀମତୀ ଇରାନୀ ସଂଘୀୟ ଢ଼ାଞ୍ଚାରେ କିପରି କାର୍ଯ୍ୟ କରିବାକୁ ହୁଏ ସେ କ୍ଷେତ୍ରରେ ନବୀନ ସାରା ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି । ଟ୍ୱିଟରେ ଶ୍ରୀମତୀ ଇରାନୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇଟି ଫଟୋ ପୋଷ୍ଟ କରି 'ଫାଇନ ଏକ୍ସାମ୍ପଲ୍ ଅଫ୍ ଦ ସ୍ପିରିଟ୍ ଅଫ୍ କୋପରେଟିଭ୍ ଫେଡେରାଲିଜିମ୍' ବୋଲି ଉଲ୍ଲେଖ କରିଛନ୍ତି । ଅନୁରୂପ ଭାବରେ ସ୍ମୃତିଙ୍କ ଟ୍ୱିଟ୍ର ଠିକ୍ ଦିନକ ପରେ ଅନ୍ୟତମ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ମଧ ନବୀନଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି । ରାଜନୀତିଠାରୁ ଉର୍ଦ୍ଧ୍ୱରେ ରହି ନବୀନ ପଟ୍ଟନାୟକ କିପରି ସଂଘୀୟ ବ୍ୟବସ୍ଥାରେ ଉଦାହରଣ ସୃଷ୍ଟି କରିଛନ୍ତି ତାହା ମମତା ବାନାର୍ଜୀ ଶିଖନ୍ତୁ ବୋଲି ତାଙ୍କ ଟ୍ୱିଟ୍ରରେ ଉଲ୍ଲେଖ କରିଛନ୍ତି । ନିଜର ଟ୍ୱିଟର ହ୍ୟାଣ୍ଡଲରେ ନବୀନ ପଟ୍ଟନାୟକଙ୍କ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କରୁଥିବା କାର୍ଯ୍ୟକୁ ଉଦାହରଣ ବୋଲି ଉଲ୍ଲେଖ କରି ନିଜର ସମ୍ମାନ ଜଣାଇଛନ୍ତି । ସାରା ଦେଶରେ ମହାମାରୀ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଇଥିବା ବିଭିନ୍ନ ପ୍ରସ୍ତାବ ଜାତୀୟସ୍ତରରେ ବେଶ୍ ପ୍ରଶଂସିତ ହୋଇଛି । ଘରୋଇ ବଜାରରେ ଟିକାକୁ ଉପଲବ୍ଧ କରାଇବା ଟିକା ଉପରୁ ଜିଏସଟି ପ୍ରତ୍ୟାହର କରିବା, କେନ୍ଦ୍ର ସରକାର ରାଜ୍ୟରୁ ସଂଗ୍ରହ କରୁଥିବା ସେସରୁ କୋଭିଡ ମୁକାବିଲା ନିମନ୍ତେ ଅଂଶ ପ୍ରଦାନ କରିବା ନିମନ୍ତେ ନବୀନଙ୍କ ପ୍ରସ୍ତାବ ଜାତୀୟସ୍ତରରେ ପ୍ରଶଂସିତ ହୋଇଛି ।

ଏହି ପରିପ୍ରେକ୍ଷୀରେ କୋଭିଡ୍ ପରିଚାଳନାକୁ ନେଇ ସାରା ଦେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସିତ ହୋଇଛନ୍ତି । ବରିଷ୍ଠ ସାମ୍ବାଦିକ ପ୍ରଭୁ ଚାୱ୍ଲାଙ୍କ ପକ୍ଷରୁ କରାଯାଇଥିବା ଅନଲାଇନ ସର୍ଭେରେ ନବୀନ ସାରା ଦେଶରେ ଶୀର୍ଷ ସ୍ଥାନରେ ରହିଛନ୍ତି । ସଫଳ କୋଭିଡ ପରିଚାଳନା ନିମନ୍ତେ ନବୀନଙ୍କୁ ୫୭% ଭୋଟ୍ ମିଳିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହଙ୍କୁ ମିଳିଛି ୨୬% ଭୋଟ । ମଧ ପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ୧୪% ଓ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କୁ ୩.୨% ଭୋଟ୍ ମିଳିଛି । ସେହିପରି ସାରା ଦେଶରେ କୋଭିଡରେ ଅଧିକ ପ୍ରଭାବିତ ହୋଇଥିବା ରାଜ୍ୟକୁ ନେଇ କରାଯାଇଥିବା ସର୍ଭେରେ ଶୀର୍ଷରେ ଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ (୫୬%) ଙ୍କ ଠାରୁ ମଧ ନବୀନ ଆଗରେ ରହିଛନ୍ତି । ଅଧିକ ପ୍ରଭାବିତ ରାଜ୍ୟଗୁଡିକ ମଧ୍ୟରେ ଉଦ୍ଧବ ଠାକରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି, ତାଙ୍କୁ ୩୦% ଭୋଟ ମିଳିଛି । ସେହିପରି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ (୮%) ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ (୬%) ଭୋଟ ପାଇଥିବା ସୂଚନା ମିଳିଛି ।

## କରୋନା ମହାମାରୀ ଯୋଗୁଁ ଦାରିଦ୍ର୍ୟ କବଳରେ ୧୦ କୋଟି ଶ୍ରମିକ

ସମ୍ବଲପୁର: କରୋନା ମହାମାରୀ ୧୦ କୋଟିରୁ ଅଧିକ ଶ୍ରମିକଙ୍କୁ ଦାରିଦ୍ର୍ୟ ମଧ୍ୟକୁ ଠେଲି ଦେଇଛି । କାମ କରିବାର ସମୟ ହ୍ରାସ ପାଇବା ଓ ଗୁଣାତ୍ମକ କାମ୍ ଉଭାନ ହୋଇଯିବା ପରେ ଶ୍ରମିକମାନେ ଆର୍ଥିକ ଦୁର୍ବଳ ହୋଇ ପଡିଛନ୍ତି । ଜାତିସଂଘର ସଂସ୍ଥା ଆନ୍ତର୍ଜାତିକ ଶ୍ରମିକ ସଂଗଠନ ପକ୍ଷରୁ ଏ ସଂପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟରେ ଆକଳନ କରାଯାଇଛି ଯେ ମହାମାରୀ ଯୋଗୁଁ ଶ୍ରମ ବଜାରରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ସେଥିରେ ୨୦୨୩ ପର୍ଯ୍ୟନ୍ତ ସୁଧାର ହେବାର ସମ୍ଭାବନା କମ୍ ରହିଛି ।

ଆଇଏଲଓ ଏହାର ରିପୋର୍ଟରେ କହିଛି ଯେ ଚଳିତ ବର୍ଷ ଶେଷ ସୁଦ୍ଧା ୨୩ ନିୟୁତ ନିଯୁକ୍ତିର ଅଭାବ ଦେଖାଦେବ । କୋଭିଡ୍ ମହାମାରୀ କେବଳ ଏକ ସ୍ୱାସ୍ଥ୍ୟ ସଙ୍କଟ ନୁହେଁ ଏହା ଶ୍ରମ ଓ ମାନବ ସଙ୍କଟ ମଧ ବୋଲି ଆଇଏଲଓର ମୁଖ୍ୟ ଗାଏ ରାଇଡର କହିଛନ୍ତି । ଗୁଣାତ୍ମକ କାର୍ଯ୍ୟ ସୃଷ୍ଟି କରିବା ଲାଗି ଯଦି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରା ନଯିବ ଓ ସମାଜର ଦୁର୍ବଳ ବର୍ଗଙ୍କୁ ସହାୟତା ଦିଆ ନ ଯିବ ତେବେ ମହାମାରୀର ପ୍ରଭାବ ଆମ ସହିତ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ରହିବ । ଦାରିଦ୍ର୍ୟ ଓ ଅସମାନତା ବୃଦ୍ଧି ପାଇବ । ୨୦୧୮ ରେ ସାରା ବିଶ୍ୱରେ ବେକାରିଙ୍କ ସଂଖ୍ୟା ୧୮.୭ କୋଟି ଥିଲା । ୨୦୨୨ ରେ ଏହି ସଂଖ୍ୟା ୨୦.୫ କୋଟିରେ ପହଞ୍ଚିବ ବୋଲି ଆଇଏଲଓ ଆକଳନ କରିଛି । ମହାମାରୀ ସ୍ଥିତି ନିୟନ୍ତ୍ରଣରେ ରହିଲେ ୨୦୨୧ ଦ୍ୱିତୀୟ ଭାଗ ସୁଦ୍ଧା ନିଯୁକ୍ତି କ୍ଷେତ୍ରରେ ସୁଧାର ଆସିପାରେ । ଟିକାକରଣ ଆଶାନୁରୂପ ରହି ନ ଥିବାରୁ ସ୍ଥିତି ସୁଧୁରିବନି । ବର୍ତ୍ତମାନ ସୁଦ୍ଧା ୭୫% କୋଭିଡ ଟିକା କେବଳ ୧୦ଟି ରାଷ୍ଟ୍ରକୁ ମିଳିଛି । ନିଯୁକ୍ତି କ୍ଷେତ୍ରରେ ହେବାକୁ ଥିବା ସୁଧାର ପଥରେ ଏହା ଏକ ପ୍ରତିବନ୍ଧକ ବୋଲି କୁହାଯାଉଛି ।

ଲୋକମାନଙ୍କୁ କାମ ମିଳି ନଥିବାରୁ ସେମାନଙ୍କ ଆୟ ହ୍ରାସ ପାଇଛି । ତେଣୁ ସେମାନେ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇ ଯାଇଛନ୍ତି । ୨୦୧୯ ତୁଳନାରେ ଏବେ ୧୦.୮ କୋଟି ଅଧିକ ଶ୍ରମିକ ଗରିବ କିମ୍ବା ଅତି ଗରିବ ଶ୍ରେଣୀରେ ସାମିଲ ହୋଇଛନ୍ତି । ଏହାର ଅର୍ଥ ହେଉଛି ସେମାନଙ୍କ ପରିବାର ଦୈନିକ ୩.୨୦ ଡଲାରରୁ କମ୍ ମୂଲ୍ୟରେ ଚଳୁଛନ୍ତି । ଆଇଏଲଓର ମୁଖ୍ୟ ଶ୍ରୀ ରାଇଡର କହିଛନ୍ତି ଯେ ଦାରିଦ୍ର୍ୟ ଦୂରୀକରଣ ଲାଗି ପାଞ୍ଚ ବର୍ଷ ଭିତରେ ଯେଉଁ ଲାଭ ମିଳିଥିଲା ତାହା ଦୁରେଇ ଯାଇଛି । ମହାମାରୀ ପୂର୍ବରୁ ବୈଷମ୍ୟ ସ୍ଥିତି ଖରାପ ଥିଲା । ଏବେ ଏହା ଆହୁରି ଖରାପ ହୋଇଛି । ମହାମାରୀର ପ୍ରଭାବ ସମ୍ବେଦନଶୀଳ ବର୍ଗ ଉପରେ ଅଧିକ ପଡିଛି । ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୨୦୦ କୋଟି ଲୋକ ଯେଉଁମାନଙ୍କ ପାଇଁ କୌଣସି ପ୍ରଭାର ଢ଼ଙ୍ଗର ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ ସେମାନେ ଜୀବନଜୀବିକା ଓ ପରିବାର ଉପରେ ମହାମାରୀର ଗୁରୁତର ପ୍ରଭାବ ପଡିଛି ।

କରୋନା ମହାମାରୀ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କୁ ଅଧିକ ପ୍ରଭାବିତ କରିଛି । ଅନେକ ମହିଳା କର୍ମ କ୍ଷେତ୍ରରୁ ବାହାରି ଯାଇଛନ୍ତି । ସେମାନେ କେବଳ ଜୀବିକା ହରାଇ ନାହାନ୍ତି, ତାଙ୍କ ଉପରେ କାମ ଚାପ ମଧ ବଢ଼ିଛି । ସ୍କୁଲ ବନ୍ଦ ରହିଥିବାରୁ ମହିଳାମାନଙ୍କ ଘରେ ପିଲାମାନଙ୍କ ଦେଖାଶୁଣା ଲାଗି ଅଧିକ ପରିଶ୍ରମ କରିବାକୁ ପଡୁଛି । ଏହାଦ୍ୱାରା ପୁଣି ଥରେ ପାରମ୍ପରିକ ଭାବେ ମହିଳାମାନେ ଯେଉଁ ଭୂମିକା ନିର୍ବାହ କରୁଥିଲେ ସେଭଳି ସ୍ଥିତି ଫେରି ଆସିଛି । ଲିଙ୍ଗ ସମାନତା ଲକ୍ଷ୍ୟ ପ୍ରତି ଏହା ବିପଦ ବୋଲି କୁହାଯାଉଛି । ଯୁବପିଢ଼ି ମଧ ନିଯୁକ୍ତି ହରାଇଛନ୍ତି । ଗତବର୍ଷ ୮.୭% ହାରରେ ଯୁବପିଢ଼ି ନିଯୁକ୍ତି ହରାଇଛନ୍ତି । ବୟସ୍କଙ୍କ ବର୍ଗରେ ଏହି ହାର ଅପେକ୍ଷାକୃତ କମ୍ ୩.୭% ରହିଛି । ଯେପର୍ଯ୍ୟନ୍ତ ଗୁଣାତ୍ମକ କାର୍ଯ୍ୟ ଫେରିବ ନାହିଁ ସେ ପର୍ଯ୍ୟନ୍ତ ବାସ୍ତବ ସୁଧାର ହୋଇପାରିବ ବୋଲି ଆଇଏଲଓର ମୁଖ୍ୟ ଶ୍ରୀ ରାଇଡର କହିଛନ୍ତି ।

## ଡକ୍ଟର ଭାବଗ୍ରାହୀ ମହାପାତ୍ରଙ୍କ ପରଲୋକ

ରାଉରକେଲା : ବୈଜ୍ଞାନିକ ଡକ୍ଟର ଭାବଗ୍ରାହୀ ମହାପାତ୍ରଙ୍କର ରାଉରକେଲା ସିଭିଲ ଟାଉନସିପ୍ ସ୍ଥିତ ବାସଭବନରେ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୩ ବର୍ଷ ହୋଇଥିଲା । ଗତ କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁଅ କୃପାସିନ୍ଧୁ, ଗୋପବନ୍ଧୁ, ଶ୍ରୀକାନ୍ତ ସପରିବାର ଉପସ୍ଥିତ ଥିଲେ । ବେଦବ୍ୟାସ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର କୃପାସିନ୍ଧୁ ମୁଖାଗ୍ନି ଦେଇଥିଲେ । ସମ୍ବଲପୁର ନିକଟସ୍ଥ ଠେମରା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଗଙ୍ଗାଧର ମେହେର ମହାବିଦ୍ୟାଳୟର ପ୍ରଥମ ବ୍ୟାଚର ଛାତ୍ର ଥିବା ଶ୍ରୀ ମହାପାତ୍ର ପରବର୍ତ୍ତୀ ଅବସ୍ଥାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିନେଟ ସଭ୍ୟ ଥିଲେ । ସେଥିପାଇଁ ଜିଏମ ବିଶ୍ୱବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଏସସି ପାସ କରିବା ପରେ ସମ୍ବଲପୁର ସ୍ଥିତ ପଟ୍ଟନାୟକପଡ଼ା ହାଇସ୍କୁଲରେ କିଛି ବର୍ଷ ପାଇଁ ସେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । ସେଠାରୁ ଯାଇ ହୀରାକୁଦ ଡ୍ୟାମରେ କେମିଷ୍ଟ ଭାବରେ ଯୋଗଦାନ କରିଥିଲେ । ପରେ ରାଉରକେଲା ଇସ୍ପାତ କାରଖାନାର ରିସର୍ଚ୍ଚ ଆଣ୍ଡ କଣ୍ଟ୍ରୋଲ ବିଭାଗରେ ଯୋଗ ଦେଇ ଚିଫ କେମିଷ୍ଟ ଭାବରେ ଅବସରଗ୍ରହଣ କରିଥିଲେ । ଆରଇସିରୁ ସେ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର କରିବା ପରେ ଡକ୍ଟରେଟ୍ ଉପାଧି ହାସଲ କରିଥିଲେ । ଜର୍ମାନ, ଜାପାନ, ସୋଭିଏତ ରୁଷ ଓ ଆମେରିକା ଆଦି ବହୁ ଦେଶ ଭ୍ରମଣ କରି ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ନିଜ ଆତ୍ମଜୀବନୀକୁ ଇଂରାଜୀ ଭାଷାରେ ରଚନା କରି ବହୁ ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆଣିଥିଲେ । ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଭାବେ ବିଚ୍ଛିନ୍ନାଞ୍ଚଳ ଲୋକଙ୍କ ଶିକ୍ଷା ଓ ଭାଷାର ଉନ୍ନତି ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା । ଏହାଛଡ଼ା ରାଉରକେଲାର ବିଭିନ୍ନ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ । ଡକ୍ଟର ଭାବଗ୍ରାହୀ ମହାପାତ୍ରଙ୍କ ବିୟୋଗରେ ସେ ତାଙ୍କର ମାର୍ଗଦର୍ଶକ ଓ ମୁରବୀଙ୍କୁ ହରାଇଲେ ବୋଲି ବର୍ଷୀୟାନ ସାମ୍ବାଦିକ ଦେବେନ୍ଦ୍ର ନାରାୟଣ ପତି ଓ ତାଙ୍କ ପତ୍ନୀ ପୁଷ୍ପଲତା ପତି ଶୋକ ପ୍ରକାଶ କରିଛନ୍ତି । ସେହିପରି ତାଙ୍କ ବଂଶଜ ଶ୍ରମ ବିଭାଗର ଅବସରପ୍ରାପ୍ତ ଡେପୁଟି ଲେବର କମିଶନର ଶ୍ରୀ ବିଜୟ କୁମାର ମହାପାତ୍ର ମଧ ଗଭୀର ଶୋକ ପ୍ରକାଶ କରିଛନ୍ତି ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ଗୃହ ସଙ୍ଗରୋଧରେ ଥିବା ଲୋକଙ୍କୁ ଖାଦ୍ୟ ପହଞ୍ଚାଉଛି 'ସମ୍ବଲ'

ସମ୍ବଲପୁର : କୋଭିଡ କାରଣରୁ ଗୃହ ସଙ୍ଗରୋଧରେ ଥିବା ଲୋକଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଲ' ପକ୍ଷରୁ ଗତ ୨୫ ତାରିଖରୁ ସକାଳେ ଓ ରାତିରେ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ଏଭଳି ଅନେକ ପରିବାର ଅଛନ୍ତି ଯେଉଁ ପରିବାରର ସମସ୍ତେ ବା ଅଧିକାଂଶ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇ ଘରେ ସଙ୍ଗରୋଧରେ ରହିଛନ୍ତି । ଆଉ କିଛି ଲୋକ ବିଭିନ୍ନ ସ୍ଥାନରେ ସଂପୂର୍ଣ୍ଣ ଏକାକୀ ସଙ୍ଗରୋଧ ବିତାଉଛନ୍ତି । ସେମାନେ ଯେମିତି କୌଣସି ପରିସ୍ଥିତିରେ ଭୋକିଲା ନ ରହିବେ ତାହା ସୁନିଶ୍ଚିତ କରିବାକୁ 'ସମ୍ବଲ' ପକ୍ଷରୁ ଏହି ସେବା ଆରମ୍ଭ କରାଯାଇଛି । ଗୋଟିଏ ଫୋନ କଲେ ଏହାର ସ୍ୱେଚ୍ଛାସେବୀ ମାନେ ଦୁଇ ଓଳି ଘରେ ନେଇ ରନ୍ଧା ଖାଦ୍ୟ ପହଞ୍ଚାଇ ଦେଉଛନ୍ତି । ମଧାହ୍ନ ଭୋଜନ ପାଇଁ ସକାଳ ୭ ଟାରୁ ୯ ଟା ତଥା ରାତ୍ରିଭୋଜନ ପାଇଁ ସନ୍ଧ୍ୟା ୪ ଟା ରୁ ୫ ଟା ୩୦ ମଧରେ ୭୩୭୭୧୩୯୧୭୭, ୯୮୬୧୦୮୭୭୮୭, ୭୦୦୮୯୧୫୨୫୩, ୯୪୩୭୦୮୩୬୧୮ ଓ ୯୯୩୭୯୪୫୩୭୭ ନମ୍ବରରେ ଫୋନ କରିବାକୁ କୁହାଯାଇଛି । ଅନୁଷ୍ଠାନର ଉପଦେଷ୍ଟା ଡାକ୍ତର କବୀର ଦାସ ପୁରୋହିତଙ୍କ ପରାମର୍ଶ କ୍ରମେ 'ସମ୍ବଲ' ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥି ପାଇଁ ଡାକ୍ତର ପୁରୋହିତ ନିଜେ ପ୍ରଥମେ ୧୫ ହଜାର ଟଙ୍କା ଦାନ କରିଥିଲେ ।

# 'ସମ୍ବଲ' ଅମ୍ଳଜାନ ବ୍ୟାଙ୍କ ଖୋଲିଲା




ସମ୍ବଲପୁର : କରୋନା ରୋଗୀଙ୍କ ପାଇଁ ଅମ୍ଳଜାନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଲ' ପକ୍ଷରୁ ଅମ୍ଳଜାନ ବ୍ୟାଙ୍କ ଖୋଲାଯାଇଛି । ନିଉଜିଲାଣ୍ଡରେ ଥିବା ପ୍ରବାସୀ ଭାରତୀୟଙ୍କ ଅନୁଷ୍ଠାନ 'ଇଣ୍ଡିଆନ ଗ୍ଲୋବାଲ ବିଜନେସ ଅର୍ଗାନାଇଜେସନ' ତରଫରୁ ୨ ଟି ଅମ୍ଳଜାନ କନସନଟ୍ରେଟର ଓ ବାଙ୍ଗାଲୁରୁ 'ଜୁହାର' ପରିବାର ୭ଟି ଅମ୍ଳଜାନ ସିଲିଣ୍ଡର ଦାନ କରିଛନ୍ତି । 'ସମ୍ବଲ' ତରଫରୁ ଉପଦେଷ୍ଟା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଏହାକୁ ଗ୍ରହଣ କରିଥିଲେ । ଆଭାସି ମାଧମରେ ଇଣ୍ଡିଆନ ଗ୍ଲୋବାଲ ବିଜନେସ ଅର୍ଗାନାଇଜେସନର ମୁଖ୍ୟ ତଥା ନିଉଜିଲାଣ୍ଡର ପୂର୍ବତନ ସାଂସଦ କନୱଲଜିତ ସିଂ ଓ ସଭାପତି ରଞ୍ଜୟ ସିକ୍କା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜୁହାର ପରିବାରର ଫଣିନ୍ଦ୍ର ସା ସଂଯୋଜନା କରିଥିଲେ । ଶୋଭନ ଦାସ ସଭାପତିତ୍ୱ କରିଥିଲେ ଏବଂ ସୁଦୀପ୍ତ ଓ ପ୍ରଭାତ ସାମିଲ ହୋଇଥିଲେ । ସମ୍ବଲପୁରରୁ ଉପଦେଷ୍ଟା ଡକ୍ଟର ଶଙ୍କର ପ୍ରସାଦ ପତି, ସଞ୍ଜୀବ ନନ୍ଦ, ପଞ୍ଚାନନ ତ୍ରିପାଠୀ, ସଦାଶିବ ମହାପାତ୍ର, ସଭାପତି କାଳୀଦାସ ପଣ୍ଡା ସମ୍ପାଦକ ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା, ଶମ୍ଭୁ ପଟେଲ, ହିମାଂଶୁ ପାଣିଗ୍ରାହୀ, ଅରୁଣ ଅଜାଡିଓ୍ୱାଲ, ସନ୍ତକ ପଣ୍ଡା ଓ ସୁବିର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜୁହାର ପରିବାରର ଉପ ସଭାପତି ପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କୋଭିଡ ମହାମାରୀର ମୁକାବିଲା କରିବା ପାଇଁ ଏହି ଅମ୍ଳଜାନ ବ୍ୟାଙ୍କରେ ୬୮ ଟି ଅମ୍ଳଜାନ ସିଲିଣ୍ଡର ଓ ୨ ଟି ଅମ୍ଳଜାନ କନସେନଟ୍ରେଟର ଅଛି ।

# ପଦ୍ମଶ୍ରୀ ମୋହନ ନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର : ପଦ୍ମଶ୍ରୀ ମୋହନ ନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସାପ୍ତାହିକ ସମ୍ବାଦପତ୍ର 'ନବୀନ' ପକ୍ଷରୁ ସବରେଜିଷ୍ଟ୍ରାର ଛକସ୍ଥିତ ମୋହନ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଏହି ଅବସରରେ 'ନବୀନ'ର ଏକ ସ୍ୱତନ୍ତ୍ର ସଂଖ୍ୟା ମୋହନ ବାବୁଙ୍କ ଉଦ୍ଦେଶ୍ୟରେ ଉନ୍ମୋଚନ କରାଯାଇଥିଲା । ନବୀନର ସମ୍ପାଦକ ରବି ରଥ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଏସ୍. ପ୍ରକାଶ ଚନ୍ଦ୍ର ପାତ୍ର, ବିଜୁ ଜନତା ଦଳ ନେତା ଟି. ଗୋପୀ, ହରିଜନ ଆଦିବାସୀ ସେଲର ନେତା ଶୂନ୍ୟଚନ୍ଦ୍ର ଦାସ, ବରିଷ୍ଠ ଆଡଭୋକେଟ ପ୍ରଦୀପ କୁମାର ବେହେରା, ବସନ୍ତ କୁମାର ଅଧିକାରୀ, ଏଚଏମଏସ ନେତା ସତ୍ୟ ନାରାୟଣ ତ୍ରିପାଠୀ, ମେଡିକାଲ କର୍ମଚାରୀ ସଂଘ ନେତା ସୁକାନ୍ତ ମୁଖୀ, ରଞ୍ଜନ କୁମାର ସାହୁ, ମନୋରଞ୍ଜନ ଲିମାଇ, ଶୁକଦେବ ମଲିକ, ସୁଶାନ୍ତ କର ପ୍ରମୁଖ ଉପସ୍ଥିତ ରହି ପୁଷ୍ପ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



# ବିଜେଡି ପକ୍ଷରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ




ସମ୍ବଲପୁର : ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାର ଠାରେ ଜୀବନ ବିନ୍ଦୁ ଓ ମୋ ପରିବାର ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଏହି ଶିବିରକୁ ଉଦଘାଟନ କରିଥିଲେ ।

# 'ଗାଁ ଆମ୍ବ ପସରା' ଉଦ୍‌ଘାଟିତ

ସମ୍ବଲପୁର : ଚାଷୀ, ଉତ୍ପାଦକ ସଂଘ ଓ ଉତ୍ପାଦକ କମ୍ପାନୀ ଦ୍ୱାରା ଜୈବିକ ପଦ୍ଧତିରେ ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ବିକ୍ରୟ ପାଇଁ 'ଗାଁ ଆମ୍ବ ପସରା' ସମ୍ବଲପୁର ସହରର ୧୦ଟି ସ୍ଥାନରେ ଉଦଘାଟିତ ହୋଇ ଯାଇଛି । ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ ଓ ସଦର ଉପଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଏହି ଷ୍ଟଲକୁ ଉଦଘାଟନ କରିଥିଲେ । ଆମ୍ରପଲ୍ଲୀ, ଲେଙ୍ଗଡ଼ା, ମଲ୍ଲିକା, ଦସେରୀ, ବାଇଗଣ ପଲ୍ଲୀ, ହେମସାଗର, ଆଲଫାନସୋ, ଗୁଲାବଖାସ ଆଦି ବିଭିନ୍ନ କିସମର ଆମ୍ବ ନାକଟୀଦେଉଳ, ଯୁଯୁମୁରା, ରେଢ଼ାଖୋଲ, ମାନେଶ୍ୱର, ଧନକଉଡ଼ା, ଜମନକିରା, କୁଚିଣ୍ଡା ଅଞ୍ଚଳରୁ ଆସିଥିବା ଜଣାପଡିଛି । ଗୋବିନ୍ଦତୋଲା, ଟାଉନହଲ ସମ୍ମୁଖ, ମହିଳା ଥାନା ସମ୍ମୁଖ, ପିଏଚଡି ପଡିଆ ଓ ଶାନ୍ତିନଗର ମାର୍କେଟରେ ୨ଟି ଲେଖାଏଁ ଷ୍ଟଲ ରହିଛି । ଏହି ଅବସରରେ ମହାନଗର ନିଗମ ଆୟୁକ୍ତ ଅନିରୁଦ୍ଧ ପ୍ରଧାନ, ଏଜିଏମ ନାବାର୍ଡ ଦେବେଶ ବେହେରା, ଡିଡିଏଚ ରଞ୍ଜନ ଦାସ ମହାପାତ୍ର, ଓରମାସ କାର୍ଯ୍ୟନିର୍ବାହୀ ଶ୍ରୀମନ୍ତ ହୋତା, ଓଏଲଏମ ଡିପିଏମ ଡକ୍ଟର ପୁଷ୍ପଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗତ ବର୍ଷ ଜୁନ ୫ ରୁ ୧୦ ଦିନ ସକାଶେ ଗାଁ ଆମ୍ବ ପସରା ଲାଗିଥିଲା । ଏଥିରେ ପ୍ରାୟ ୧୩୮ କ୍ୱିଣ୍ଟାଲ ଆମ୍ବ ବିକ୍ରି ହୋଇଥିବା ଜଣାପଡିଛି ।



# ମାରଓ୍ୱାଡି ଯୁବ ମଞ୍ଚ ପକ୍ଷରୁ ଆମ୍ବୁଲାନ୍ସ ଲୋକାର୍ପିତ




ସମ୍ବଲପୁର : ଜନସାଧାରଣଙ୍କ ସୁବିଧା ପାଇଁ ମାରଓ୍ୱାଡି ଯୁବ ମଞ୍ଚ ପକ୍ଷରୁ ଏକ ଆମ୍ବୁଲାନ୍ସ ଲୋକାର୍ପିତ କରାଯାଇଛି । ଏହି ଅବସରରେ ଉତ୍କଳ ପ୍ରାଦେଶିକ ମାରଓ୍ୱାଡି ସମ୍ମେଳନ ସମ୍ବଲପୁର ଶାଖାର ପୂର୍ବତନ ଅଧକ୍ଷ ଇନ୍ଦର ଲାଲ ଅଗ୍ରଓ୍ୱାଲ, ସନ୍ତୋଷୀ ଦେବୀ, ନିରଞ୍ଜନ ଅଗ୍ରଓ୍ୱାଲ, ବର୍ତ୍ତମାନର ଅଧକ୍ଷ ରାଜ କିଶୋର ବାଙ୍କା, ଡାକ୍ତର ନିରଞ୍ଜନ ଅଗ୍ରଓ୍ୱାଲ, ଡାକ୍ତର ସନ୍ଦୀପ ଅଗ୍ରଓ୍ୱାଲ, ସିଦ୍ଧେଶ ଅଗ୍ରଓ୍ୱାଲ, କିଶାନ ଡିବ୍ରେୱାଲାଙ୍କ ସହ ବହୁ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ । ମନୋଜ ଅଗ୍ରଓ୍ୱାଲ, ସୁରେଶ ଅଗ୍ରଓ୍ୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶାଖା ଅଧକ୍ଷ ଆଶୀଷ ମହାବର, ଶାଖା ସମ୍ପାଦକ ରିତେଶ ମିତ୍ତଲ, ପ୍ରତୀକ ଅଗ୍ରଓ୍ୱାଲ, ପରାଗ ଅଗ୍ରଓ୍ୱାଲ, ସରୋଜ ଅଗ୍ରଓ୍ୱାଲ, ସୁରେଶ ଅଗ୍ରଓ୍ୱାଲ, ଚନ୍ଦ୍ର କୁମାର ସରାଫ, ବିଜୟରାଜ ରାଜକିଶୋର ବାଙ୍କା, ସାକେତ କେସବ, ସୋନୁ ଶର୍ମା, ଅନୁଜ ବାଙ୍କା ଓ ନନ୍ଦ କିଶୋର ଅଗ୍ରଓ୍ୱାଲ ପ୍ରମୁଖ ସହଯୋଗ କରିଥିଲେ ।

# ବଲାଙ୍ଗୀରରେ କୋଭିଡ୍ ରୋଗୀଙ୍କ ପରିଜନଙ୍କୁ ଖାଦ୍ୟ ବଣ୍ଟନ




ବଲାଙ୍ଗୀର : ପବିତ୍ର ଅକ୍ଷୟ ତୃତୀୟା ଦିନ ଠାରୁ ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ୍ ପରିସରରେ କରୋନା ରୋଗୀମାନଙ୍କୁ ଯତ୍ନ ନେଉଥିବା ସମ୍ପର୍କୀୟମାନଙ୍କ ପାଇଁ ବିଶ୍ୱାତ୍ମ ଚେତନା ଅନ୍ନପୂର୍ଣ୍ଣା ସେବା ଆରମ୍ଭ କରାଯାଇଛି ।। ଏହି କାର୍ଯ୍ୟକ୍ରମରେ ଦୈନିକ ୧୦୦ ଜଣଙ୍କୁ ଆଶ୍ରମ ତିଆରି ସାତ୍ତ୍ୱିକ ପ୍ରସାଦ ପ୍ୟାକେଟ୍ ବଣ୍ଟନ କରାଯାଉଛି । ଏଥିରେ ବିଶ୍ୱାତ୍ମ ଚେତନା ପରିବାରର ସଦସ୍ୟବୃନ୍ଦ କୋଭିଡ଼ ନିୟମ ପାଳନ ପୂର୍ବକ ସେବାଦାନ କରୁଛନ୍ତି । ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ବିଶ୍ୱାତ୍ମ ଚେତନା ପରିଷଦ ଏବଂ ଟ୍ରଷ୍ଟ' ତରଫରୁ ସ୍ୱାମୀ ସତ୍ୟବେଦାନାନନ୍ଦ ସରସ୍ୱତୀ ଏବଂ ସ୍ୱାମୀ ସତ୍ୟପ୍ରେମାନନ୍ଦ ସରସ୍ୱତୀଙ୍କ ତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲୁଛି । ସେହିପରି ପରିଷଦ ପକ୍ଷରୁ ତୁରେକେଳା ଠାରେ ୧୨୪ଜଣ ବିଧବା ଭିନ୍ନକ୍ଷମ ଓ ଅନାଥଙ୍କୁ ଶୁଖିଲା ଖାଦ୍ୟ ଦ୍ରବ୍ୟ ଯୋଗାଇ ଦିଆଯାଇଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra